

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୩ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 APRIL 2021

Vol.No. 32 ■ No. 94 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିଷ୍ଣବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରେଳ ସଦନରେ ଖୋଲିଲା ଟିକାକରଣ କେନ୍ଦ୍ର

ଭୁବନେଶ୍ୱର,୧୨/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ଡାକରାରେ ଏପ୍ରିଲ ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଟୀକା ଉତ୍ସବ ନିମନ୍ତେ ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଧୀନରେ ପ୍ରଥମ କାର୍ଯ୍ୟାଳୟ କୋଭିଡ ଟୀକା କେନ୍ଦ୍ର ଖୋଲାଯାଇଛି। ପ୍ରଥମ ଦିବସ ଅର୍ଥାତ ୧୧ ଏପ୍ରିଲରେ ପୂର୍ବ ତଟ ରେଳପଥର ୮୩ ଜଣ କର୍ମଚାରୀଙ୍କୁ ଟୀକାକରଣ କରାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ୍ (ବିଏମସି) ର ଅର୍ବାନ ଟାସ୍କ ଫୋର୍ସ ରେଳ ସଦନ ସହିତ ଅନ୍ୟ ଦୁଇଟି ସ୍ଥାନ ଯାଂଚ କରି ପୂର୍ବ ତଟ ରେଳ ମୁଖ୍ୟାଳୟରେ କାର୍ଯ୍ୟକ୍ଷେତ୍ର ଟୀକାକରଣ କେନ୍ଦ୍ର ପାଇଁ ▶▶ପୃଷ୍ଠା ୭

ଆତ୍ମସମର୍ପଣ କଲା ହାଇଦରର ସହଯୋଗୀ ୟାକୁବ୍ ଖାଁ

ଖୋଲିବ ଗ୍ୟାଙ୍ଗଷ୍ଟାର ହାଇଦରର ଫେରାର୍ କାହାଣୀ

ଭୁବନେଶ୍ୱର,୧୨/୦୪ (ନି.ପ୍ର): ବହୁ ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟାର ହାଇଦର ଫେରାର୍ ମାମଲାରେ ପୋଲିସ ତନାଘନା ଚଳାଇଥିବା ବେଳେ ହାଇଦରର ମୁଖ୍ୟ ସହଯୋଗୀ କୁହାଯାଉଥିବା ୟାକୁବ୍ ଖାଁ କଟକ ଚାଉଳିଆଗଞ୍ଜ ଥାନାରେ ଆତ୍ମସମର୍ପଣ କରିଛି । ସେ କଟକ ବଡମେଡିକାଲରେ ହାଇଦରକୁ ବାରମ୍ବାର ଭେଟି ବିରିୟାନୀ ଖାଇବାକୁ ଦେଇଥିବା କଥା ମାନିଥିବା ବେଳେ ହାଇଦର ଫେରାର୍ ହେବା ନେଇ ସେ କିଛି ଜାଣି ନଥିବା କହିଛି । କହିରଖୁ କି ଗ୍ୟାଙ୍ଗଷ୍ଟାର ହାଇଦର ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସମ୍ବଲପୁର ଜେଲରେ ବନ୍ଦୀ ଭାବେ ଥିଲା । ଅସୁସ୍ଥ କାରଣରୁ ତାଙ୍କୁ ପ୍ରଥମେ ବୁର୍ଲା ମେଡିକାଲକୁ

ଅଣାଯାଇଥିଲା । ହେଲେ ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ଅଣାଯାଇଥିଲା । ମାତ୍ର କଟକ ଏସସିବିରେ ସେ ଚିକିତ୍ସିତ ହେଉଥିବା ବେଳେ ୧୦ ତାରିଖ ଦିନ ସେ ସେଠାରୁ ଫେରାର୍ ହୋଇଯାଇଥିଲା । ହାଇଦରକୁ ଧରିବାକୁ ସାରା ରାଜ୍ୟର ପୋଲିସ ତନାଘନା କରୁଥିବା ବେଳେ ୟାକୁବର ଆତ୍ମସମର୍ପଣ ପୋଲିସକୁ କେତେ ସହାୟତା ହେବ ତାହା କେରା ପରେ ସ୍ପଷ୍ଟ ହେବ ।

କ୍ୟାବିନେଟ୍ ନିଷ୍ପତ୍ତି

- ଭୁବନେଶ୍ୱରରେ ଖୋଲିବ କ୍ୟାନ୍ସର ହସ୍ପିଟାଲ ଓ ପାଲିଏଟିଭ କେୟାର ସେଂଟର
- ଉଭୟ ହସ୍ପିଟାଲ ପାଇଁ ବାଗଚି ଦମ୍ପତି ଦେବେ ୩୪୦ କୋଟି ଟଙ୍କା

ଭୁବନେଶ୍ୱର,୧୨/୦୪ (ନି.ପ୍ର): ଭୁବନେଶ୍ୱରରେ ପ୍ରତିଷ୍ଠା ହେବ କ୍ୟାନସର ହସ୍ପିଟାଲ। ସୋମବାର ଦିନ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। ବାଗଚୀ-ଶ୍ରୀ ଶଙ୍କର କର୍କଟ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ ମିଳିଛି। ଏଥିପାଇଁ ସୁବ୍ରତ ବାଗଚି ଓ ସସ୍ମିତା ବାଗଚି ୨୧୦ କୋଟି ଟଙ୍କା ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କ୍ୟାନସର ହସ୍ପିଟାଲ ପାଇଁ ଇନଫୋସିଟି-୨ରେ ରାଜ୍ୟ ସରକାର ୨୦ ଏକର ଜମି ଯୋଗାଇଦେବେ। ଜାନୁଆରୀ ୨୦୨୪ ସୁଦ୍ଧା ୨୫୦ ଶଯ୍ୟାରେ ଚିକିତ୍ସା ସୁବିଧା ମିଳିବ। ପରେ

ଶଯ୍ୟା ସଂଖ୍ୟା ୫ଶହକୁ ବୃଦ୍ଧି କରାଯିବ। ସଂପୂର୍ଣ୍ଣ ମାଗଣା ଚିକିତ୍ସା ପାଇଁ ୨୫ ପ୍ରତିଶତ ଶଯ୍ୟା ଅଲଗା ରଖାଯିବ। ସେହିପରି ଭୁବନେଶ୍ୱରରେ କରୁଣାଶ୍ରୟ ପାଲିଏଟିଭ କେୟାର ସେଂଟର ପ୍ରତିଷ୍ଠା ପ୍ରସ୍ତାବକୁ ମଧ୍ୟ ମଂଜୁରୀ ମିଳିଛି। ହସ୍ପିସ୍ ଆଧାରିତ ପାଲିଏଟିଭ୍ କେୟାର ବ୍ୟତୀତ ଏହା ଘରୋଇ ପାଲିଏଟିଭ୍ କେୟାର ମଧ୍ୟ ଯୋଗାଇବ। ଏଠାରେ ସ୍ଥାନୀୟ ଡାକ୍ତର , ସ୍ୱାସ୍ଥ୍ୟକର୍ମୀ ଓ ସେବାପ୍ରଦାନକାରୀଙ୍କୁ ତାଲିମ ଦେବ। ସୁବ୍ରତ ବାଗଚି ଓ ସସ୍ମିତା ବାଗଚି ଏହି ▶▶ପୃଷ୍ଠା ୭

୨୪ ଘଣ୍ଟା ମଧ୍ୟରେ ୨୧ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା : ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୨/୦୪ (ନି.ପ୍ର): ରାଜ୍ୟର ଅଧିକାଂଶ ସ୍ଥାନରେ ଗତ ତିନିଦିନ ଧରି କାଳବୈଶାଖୀ ଜନିତ ବର୍ଷା ଲାଗିରହିଛି। କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ରାଜ୍ୟବାସୀ ଅସହ୍ୟ ତାତିରୁ ଆଶ୍ୱସ୍ତି ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପଶ୍ଚିମ, ଆଭ୍ୟନ୍ତର, ଦକ୍ଷିଣ ଓ ଉପକୂଳର ୨୧ଟି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭବାନା ରହିଛି ବୋଲି ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି। ଜାରି ସତର୍କ ସୂଚନା ମତାବକ ଆଜି (ସୋମବାର) ଅପରାହ୍ନ ୧ଟା ୩୦ଘଣ୍ଟା ମଧ୍ୟରୁ ଆସନ୍ତାକାଲି ମଙ୍ଗଳବାର ସକାଳ ୮ଟା୩୦ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ନବରଙ୍ଗପୁର, କଳାହାଣ୍ଡି, ▶▶ପୃଷ୍ଠା ୭

ଛତିଶଗଡରେ କରୋନାର ଭୟଙ୍କର ଚିତ୍ର

ଦିନକୁ ସଂସ୍କାର ହେଉଛି ୬୦ରୁ ଅଧିକ ଶବ

ସ୍ଥାନ ଅଭାବ ପାଇଁ ମୃତଦେହକୁ ଫେରାଇ ନେଇ ଫ୍ରିଜରରେ ରଖୁଛନ୍ତି ସମ୍ପର୍କୀୟ

ଛତିଶଗଡ,୧୨/୦୪ (ନି.ପ୍ର): ମହାମାରୀର ମାୟା ଜାଲରେ ଛନ୍ଦି ହୋଇପଡିଛି ସାରା ବିଶ୍ୱ । କରୋନାର ଦ୍ୱିତୀୟ ଲହର ଲୋକଙ୍କୁ ଆତଙ୍କିତ କରୁଛି । ଆଉ ଆତଙ୍କର ଛାତିଥରା ଚିତ୍ର ଦେଖିବାକୁ ମିଳିଛି ଛତିଶଗଡ଼ ଦୁର୍ଗରେ । ଭିଲାଇର ମୁକ୍ତିଧାମ ଶଶ୍ମାନରେ ଏକାବେଳକେ ଜଳୁଛି ୨୦ରୁ ଅଧିକ ଜୁଇ । ଏତେ ସଂଖ୍ୟକ ମୃତଦେହ ସତ୍କାର ପାଇଁ ଆସୁଛି, ଯେ ଜାଗା ହିଁ ମିଳୁନି । ଜୁଇ ଜାଳିବାକୁ ସ୍ଥାନର ଅଭାବ ହେବାରୁ ସଂପର୍କୀୟ ଶବ ଫେରାଇ ନେଇ ଫ୍ରିଜରରେ ରଖିବାକୁ ବାଧ ହେଉଛନ୍ତି । ଛତିଶଗଡର ଦୁର୍ଗ ଜିଲ୍ଲାରେ କରୋନା ମୃତ୍ୟୁ ସଂଖ୍ୟା ହୁ ହୁ ବଢୁଛି । ଗତ ୨୪ ଘଂଟାରେ ସେଠାରେ ୧୦ ହଜାର ୫୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୨୨ ଜଣଙ୍କ ମୃତ୍ୟୁ ହୋଇଛି । ମୁକ୍ତଧାମରେ ଏକାଥରେ ୨୦ରୁ ୩୦ ଶବ ପୋଡା ଯାଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଠାରେ ଦିନକୁ ପ୍ରାୟ ୬୦ରୁ ଅଧିକ ଶବ ଦାହ କରାଯାଉଛି । ଛତିଶଗଡର ▶▶ପୃଷ୍ଠା ୭

ରଷ ଟିକା 'ସ୍ପୁଟନିକ-ଭି' କୁ ଜରୁରୀକାଳୀନ ବ୍ୟବହାର ପାଇଁ ମିଳିଲା ଅନୁମତି

ଭୁବନେଶ୍ୱର,୧୨/୦୪ (ନି.ପ୍ର): ଦେଶରେ କରୋନାର ଦ୍ୱିତୀୟ ଲହର ତା'ର କାୟା ବିସ୍ତାର କରିବାରେ ଲାଗିଛି । ଏହି ସମୟରେ କରୋନାରୁ ମୁକ୍ତି ପାଇବାକୁ ଟିକା ଏକମାତ୍ର ବିକଳ୍ପ ହୋଇଥିବା ବେଳେ କିଛିଦିନ ହେବ ଦେଶରେ ଟକା ସଂକଟ ଦେଖାଦେଇଥିଲା । ଏନେଇ କିଛି ରାଜ୍ୟରେ ଟିକାକରଣ କେନ୍ଦ୍ର ବି ବନ୍ଦ ହୋଇଯାଇଥିଲା । ହେଲେ ଏବେ ତୃତୀୟ କୋଭିଡ୍ ଟିକା ଭାବେ ରଷ ଟିକା ସ୍ପୁଟନିକ ଭି କୁ ଭାରତ ସରକାର ବ୍ୟବହାରିକ ମଞ୍ଜୁରି ପ୍ରଦାନ କରିଛନ୍ତି ବିଶେଷଜ୍ଞ କମିଟି । ଆଜି ଏନେଇ ସବଜେକ୍ଟ ଏକ୍ସପର୍ଟ କମିଟିର ବୈଠକ ବସିଥିଲା । ଏଠାରେ ସ୍ପୁଟନିକ୍ ଭି ଟିକାର ପରୀକ୍ଷଣ ଡାଟା ଉପସ୍ଥାପନ କରାଯାଇଥିଲା । ଏହି ଆଧାରରେ ସ୍ପୁଟନିକ୍ ଭି କୁ ଭାରତରେ ବ୍ୟବହାରିକ ମଞ୍ଜୁରି



ପ୍ରଦାନ କରାଯାଇଛି । ଆଜି ରାତିସୁଦ୍ଧା ସରକାରଙ୍କ ପକ୍ଷରୁ ଏନେଇ ସ୍ଥିତି ସ୍ପଷ୍ଟ କରାଯାଇପାରେ । କହିରଖୁ କି ଦେଶରେ ଏବେ ଦୁଇଟି ଟିକାର ବ୍ୟବହାର କରାଯାଉଛି, ସେରମ୍ ଇନଷ୍ଟିଚ୍ୟୁଟର କୋଭିସିଲ୍ଡ ଓ ଭାରତ ବାୟୋଟେକର କୋଭାକ୍ସିନ । ସୂଚନା ମୁତାବକ ଅଗଷ୍ଟ ମାସସୁଦ୍ଧା ଭାରତକୁ ଆଉ ୩ ଟି ଟିକା ମିଳିପାରେ । ଏସବୁ ଟିକା ଆସିବା ପରେ ଭାରତରେ ଟିକାକରଣ ଦ୍ରୁତ ହୋଇପାରିବ ଓ ସହଜରେ ସମସ୍ତଙ୍କୁ ଟିକା ପ୍ରଦାନ କରାଯାଇପାରିବ ।

ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବେ ସୁଶୀଲ ଚନ୍ଦ୍ର

ନୂଆଦିଲ୍ଲୀ, ୧୨ ଏପ୍ରିଲ ((ହି.ସ.) ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ହେବେ ଏବଂ ସେ ଆସନ୍ତାକାଲି ଦାୟିତ୍ୱ ଗ୍ରହଣ କରିବେ। ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଆଜି ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ବରିଷ୍ଠ-ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ର ବର୍ତମାନର ସୁନୀଲ ଆରୋରାଙ୍କ ଉତ୍ତରାଧିକାରୀ ହେବେ, ଯାହାଙ୍କ କାର୍ଯ୍ୟକାଳ ସୋମବାର ଦିନ ଶେଷ ହୋଇଛି । ଏହାକୁ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଆଜି ସୂଚିତ କରାଯାଇଛି। ୨୦୧୯ ରେ ଚନ୍ଦ୍ରଙ୍କୁ ନିର୍ବାଚନ ଆୟୋଗରେ ସାମିଲ କରାଯାଇଥିଲା। ତାଙ୍କ ଆଗାମୀ କାର୍ଯ୍ୟକାଳରେ ଉତରପ୍ରଦେଶ, ପଞ୍ଜାବ, ଗୋଆ ଏବଂ ମଣିପୁରରେ ତାଙ୍କ ନେତୃତ୍ୱରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନର ଥିବାବେଳେ ତାଙ୍କ ଅଧୀନରେ ଥିବା ୧୦ ଟି ରାଜ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ଏବଂ ନାମାଙ୍କନପତ୍ରର ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନଲାଇନରେ କରାଯାଇଛି ।

ସୁବ୍ରତ ଓ ସୁସ୍ମିତା ବାଗଚିଙ୍କ ସହ କଥା ହୋଇ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୨/୦୪ (ନି.ପ୍ର): ଭୁବନେଶ୍ୱରରେ କ୍ୟାନସର ହସ୍ପିଟାଲ ଓ ଏକ କେୟାର ସେଂଟର ପ୍ରତିଷ୍ଠା ପାଇଁ ୩୪୦ କୋଟି ଟଙ୍କା ନିଜସ୍ୱ ପାଣ୍ଠିରୁ ଦାନ କରିବା ପାଇଁ ଘୋଷଣା କରିଥିବାରୁ ସୁବ୍ରତ ବାଗଚି ଓ ସୁସ୍ମିତା ବାଗଚିଙ୍କ ସହ କଥା ହୋଇ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର ଏହି ସୁନାମ ଧନ୍ୟ ଦମ୍ପତି ଓଡ଼ିଶାର ଅନନ୍ୟ ସେବା ପରମ୍ପରାରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ "ଆଜି ଏକ ▶▶ପୃଷ୍ଠା ୭

ପିପିଲିରେ ନିର୍ବାଚନକୁ ଗୁରୁତ୍ୱ : ମୁତୟନ ହେବେ ୧୫ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର,୧୨/୦୪ (ନି.ପ୍ର): ଆସନ୍ତା ୧୭ ତାରିଖରେ ପିପିଲି ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ । ହେଲେ ଏହାପୂର୍ବରେ ପିପିଲିରେ ହିଂସା ଚରମସୀମାରେ ପହଂଚିଛି । କେବେ ବିଜେଡି ନେତାଙ୍କ ଉପରେ ଆକ୍ରମଣର ଅଭିଯୋଗ ଆସୁଛି ତ କେବେ ବିଜେପି ନେତା । ଏହାରି ମଧ୍ୟରେ ଆଜି ଡିଜିପି ଅଭୟ ପିପିଲି ସ୍ଥିତିର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ, ଏଡିଜି ଓ କେନ୍ଦ୍ରାଞ୍ଚଳ ଡିଆଇଜି ସାମିଲ ହୋଇଥିଲେ । ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି ଅଭୟ କହିଛନ୍ତି କି ପିପିଲିରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଉପରେ ଗୁରୁତ୍ୱ ଦିଆଯାଉଛି । ଏନେଇ ୬୦ ଜଣ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାସହ ନିର୍ବାଚନରେ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହେବା ସହ ୮୦ ଟି ସମ୍ବେଦନଶୀଳ ବୁଥରେ ବିଏସଏଫ୍ ଯବାନ ମୁତୟନ ହେବେ । ଏଥିରେ ୩ କମ୍ପାନୀ ବିଏସଏଫ ଯବାନ ମୁତୟନ ହେବେ । ସୂଚନା ଥାଉକି ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ମୃତ୍ୟୁ ପରେ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି । ▶▶ପୃଷ୍ଠା ୭

ରାଜେନ୍ଦ୍ର ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି

ଭୁବନେଶ୍ୱର,୧୨/୦୪ (ନି.ପ୍ର): ବଲାଙ୍ଗିରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି। ସେହିପରି ଭବାନୀପାଟଣା ସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସଞ୍ଜୟ ଶତପଥୀଙ୍କୁ ନିଯୁକ୍ତି ଦିଆଯାଇଛି। ଉଭୟ ଆସନ୍ତା ୪ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ। ସୋମବାର ଦିନ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଭୟଙ୍କୁ ▶▶ପୃଷ୍ଠା ୭

ବାଲେଶ୍ୱରର ଦିନକରେ ରେକର୍ଡ ସଂଖ୍ୟକ ୧୫୮ ପଜିଟିଭ ଚିହ୍ନଟ

୧୦୧ କରୋନା ସଂକ୍ରମିତଙ୍କ ଯୋଗୁଁ ଇମାମିର ଗୋଟିଏ ୟୁନିଟ ବନ୍ଦ

ବାଲେଶ୍ୱର,୧୨/୦୪ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ଲହରରେ ବାଲେଶ୍ୱର ଜିଲାରେ ଦିନକରେ ରେକର୍ଡ଼ ସଂଖ୍ୟକ ପଟିଟିଭ ଚିହ୍ନଟକୁ ନେଇ ସବୁ ମହଲରେ ଉଦବେଗ ପ୍ରକାଶ ପାଇଛି। ଏପ୍ରିଲ ମାସର ପ୍ରଥମ ୧୦ ଦିନ ମଧ୍ୟରେ ମୋଟ ୧୪୮ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହେବା ସହର ସମେତ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି । ଗତ ୨୪ ଘଣ୍ଟା

ମଧ୍ୟରେ ସମଗ୍ର ରାଜ୍ୟରେ ୧୭୪୧ ଜଣ ନୂଆ ପଜିଟିଭଙ୍କ ମଧ୍ୟରୁ ସୁନ୍ଦରଗଡରେ ସର୍ବାଧିକ ୨୬୮, ଦ୍ୱିତୀୟ ସ୍ଥାନରେ ଥିବା ଖୋର୍ଦ୍ଧା ୨୦୪ ଓ ୧୫୮ ଜଣ ପଜିଟିଭ ଚିହ୍ନଟ ସହ ତୃତୀୟ ସ୍ଥାନରେ ରହିଛି ବାଲେଶ୍ୱର । ଏଥି ମଧ୍ୟରୁ କେବଳ ରେମୁଣାର ବାଲଗୋପାଲପୁରସ୍ଥିତ ଇମାମୀ ପେପର ମିଲ୍ସରୁ ୧୦୧ ଜଣ ଏକକାଳୀନ ଚିହ୍ନଟ ହେବା ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଛି। ତେବେ ଇମାମୀ ପେପର ମିଲ୍ସ କଲୋନିରୁ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏହା ସହିତ କାରଖାନାର ୩ଟି ୟୁନିଟରୁ ଗୋଟିଏ ୟୁନିଟକୁ ବନ୍ଦ କରି ଦିଆଯାଇଛି। ଜିଲ୍ଲାପାଳଙ୍କ ସମେତ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ ସହ ପରିସ୍ଥିତିଅନୁଧ୍ୟାନ କରିଥିଲେ । ଅନ୍ୟପକ୍ଷରେ ଦ୍ୱିତୀୟ ଲହରୀକୁ ମୁକାବିଲା ପାଇଁ ସରକାରଙ୍କ କୋଭିଡ ନିୟମକୁ କଡ଼ାକଡ଼ି ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ବିଶେଷ କରି ଶତପ୍ରତିଶତ ମାସ୍କ ବ୍ୟବହାର ପାଇଁ ପୌରପାଳିକା ପକ୍ଷରୁ ମାଇକ ଯୋଗେ ବାରମ୍ବାର ସଚେତନ କରାଯାଉଥିବା ବେଳେ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ଓ ମଲଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ସବୁଠି ମାସ୍କ ଓ ସାନିଟାଇଜର ବ୍ୟବହାର ପାଇଁ ସମସ୍ତଙ୍କୁ କୁହାଯାଉଛି।

ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀ ମାନଙ୍କର ପ୍ରବେଶ ପ୍ରସ୍ଥାନ ଉପରେ ଲାଗିଲା ପ୍ରତିବନ୍ଧକ

ଭୁବନେଶ୍ୱର,୧୨/୦୪ (ନି.ପ୍ର): କରୋନା ସଂକ୍ରମଣକୁ ରୋକିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଯଙ୍କ ପ୍ରବେଶ ଓ ପ୍ରସ୍ଥାନ ଉପରେ ପ୍ରତିବନ୍ଧକ ଲଗାଯାଇଛି। ସୂଚନା ଅନୁଯାୟୀ ଯାତ୍ରୀ ଭିଡ଼ର ପ୍ରଭାବଶାଳୀ ପରିଚାଳନା ଏବଂ ସାମାଜିକ ଦୂରତାକୁ ସୁନିଶ୍ଚିତ କରିବା ପାଇଁ ଯାତ୍ରୀମାନେ କେବଳ ଏକ ନମ୍ବର ପ୍ଲାଟଫର୍ମ ମାଧ୍ୟମରେ ଷ୍ଟେସନକୁ ପ୍ରବେଶ କରିପାରିବେ। ପୂର୍ବରୁ କାର୍ଯ୍ୟକାରୀ କରାଯାଉଥିବା ପ୍ରବେଶ ପଥକୁ ଏବେ ପ୍ରସ୍ଥାନ ପାଇଁ ଏବଂ ପ୍ରସ୍ଥାନ ପାଇଁ ବ୍ୟବହାର କରାଯାଉଥିବା ପଥକୁ ଏବେ ପ୍ରବେଶ ପଥ କରାଯାଇଛି। ପ୍ଲାଟଫର୍ମଗୁଡିକୁ କେବଳ ଡାହାଣ ପାର୍ଶ୍ୱରୁ ଅର୍ଥାତ୍ ସରକାରୀ କାର୍ ପାର୍କିଂ ପାର୍ଶ୍ୱ କିମ୍ବା ବସ୍ ଷ୍ଟାଣ୍ଡ ପାର୍ଶ୍ୱ କିମ୍ବା ଆରଏମ୍ଏସ୍ ପାର୍ଶ୍ୱରୁ ଅନୁମତି ଦିଆଯିବ। ପ୍ଲାଟଫର୍ମରୁ ବାହାରକୁ ଯିବାପାଇଁ କେବଳ ବାମ ପାର୍ଶ୍ୱ ରାସ୍ତା ଅର୍ଥାତ୍ ଏଟିଏମ୍ ପାର୍ଶ୍ୱ କିମ୍ବା ରିଲାଏନ୍ସ ପାର୍ଶ୍ୱ ଦେଇ ଅନୁମତି ଦିଆଯିବ। ଏଟିଏମ୍ ପାର୍ଶ୍ୱରେ ଆର

ଶ୍ରୀରାମ ନବମୀ ମହୋତ୍ସବ - ୨୦୨୧ : କରୋନା କଟକଣା ମଧ୍ୟରେ ପାଳନ ହେଲା ଗୋ ମାତା ଓ ସାଧୁସନ୍ଥ ପୂଜନ

ଭଦ୍ରକ,୧୨।୪(ହି.ସ): ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ବ୍ଲକ ଅନ୍ତର୍ଗତ ଆର୍.ଏନ୍. ବେତରା ସ୍ଥିତ ରାମ ବଗିଚା ପରିସରରେ ଗୋ ମାତା ଓ ସାଧୁ ସନ୍ଥ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ୩୦ରୁ ଉର୍ଦ୍ଧ୍ୱ ପୂଜ୍ୟ ସାଧୁ ସନ୍ଥ ସନ୍ୟାସୀ ଏବଂ ୨୫ରୁ ଉର୍ଦ୍ଧ୍ୱ ଗୋ ମାତାଙ୍କର ପୂଜନ କରାଯାଇଥିଲା । ପୂର୍ବାହ୍ନରେ ଗାନ୍ଧି ପଡ଼ିଆଠାରେ ଭୂମି ପୂଜନ ସରିବା ପରେ ସାଧୁ ସନ୍ଥଙ୍କୁ ସ୍ୱାଗତ କରି ପୂଜନ ସ୍ଥଳୀ ବେତରାକୁ ନିଆଯାଇଥିଲା । ସେଠାରେ ସେମାନଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା । ସାଧୁ ସନ୍ଥମାନଙ୍କ ଦ୍ୱାରା ଗୋ ମାତାଙ୍କୁ ପୂଜନ କରାଯାଇଥିଲା । ଉକ୍ତୁଷ୍ଟ ଗୋ ମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତି ନିଆଯାଇଛି । ସାଧୁ ସନ୍ଥମାନେ ବେତରା ଗାଁରେ ପହଞ୍ଚିବା ପରେ ମହିଳାମାନେ ଫୁଲ, ଚନ୍ଦନ ଦେଇ ଶଙ୍ଖ ହୁଳହୁଳି ପକାଇ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥମାନେ ସଭାରେ ଉପସ୍ଥିତ ରହି ଆର୍ଶିବଚନ ପ୍ରଦାନ କରିବା ସହ ଗୌରବମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋ-ମାତାଙ୍କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ସନ୍ଥମାନଙ୍କ ମଧ୍ୟରେ ବୈଷ୍ଣବ ବାବା, ସନ୍ଥ କରୁଣାକର ଭାରତୀ ଗୋସ୍ୱାମୀ, ସନ୍ଥ ସିଦ୍ଧେଶ୍ୱର ବାବା, ସନ୍ଥ ମଣିଭଦ୍ର ବାବା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ, ସଭାପତି ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର, ସମ୍ପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ଉପଦେଷ୍ଟା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଉପସଭାପତି ଅମ୍ବିକା ଦାସ, ଯୁଗ୍ମ ସମ୍ପାଦକ ତପନ ମହାନ୍ତି, କୋଷାଧକ୍ଷ ନିରଞ୍ଜନ ସାହୁ, ସହକୋଷାଧକ୍ଷ ଭଗବାନ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ପଣ୍ଡା, ଅନ୍ୟତମ ଉପଦେଷ୍ଟା ଡା. ପ୍ରଦୀପ ନାୟକ, ହେମନ୍ତ ପାଢୀ, ଜଗନ୍ନାଥ ଦାଶ, ରଘୁନାଥ ସାହୁ, ତୁଷାର ଦାସ, ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସରୋଜ ରାଉତ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅମରେଶ ନାୟକ, କମଳାକାନ୍ତ ବେହେରା, ବିଜୟ ଦାସ, ମମତା ବେହେରା, ମାନସ ପଣ୍ଡା, ଆଦିକନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଆଜିର ଗୋ ମାତା ଓ ସନ୍ଥ ପୂଜନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ କରୋନା ନିୟମାବଳୀ ମଧ୍ୟରେ ରହି ପାଳନ କରାଯାଇଥିବା ସମିତି ପକ୍ଷରୁ କୁହାଯାଇଛି ।

ପୂର୍ବ ଶତ୍ରୁତାରୁ ଆକ୍ରମଣ, ଥାନାରେ ମାମଲା

କୋରାଇ, ୧୨/୪ (ନି.ପ୍ର.): ମାଳଆନ୍ଦପୁର ପଂଚାୟତର ମାଧପୁର ଗ୍ରାମର ଦଳିତ ଯୁବକ ବଟକୃଷ୍ଣ ମଳିକ(୩୮) ମାଳହାଟକୁ ଏକ ବାଇକ ଯୋଗେ ଯାଉଥିବା ସମୟରେ ରୁଡିଆ ଗ୍ରାମର ନୃସିଂହ ଜେନାଙ୍କ ପୁଅ ଆର୍ଯ୍ୟଶଙ୍କର (ପାପୁନି) ତାକୁ ଅଟକାଇଥିଲା । ବଟ କିଛି ବୁଝିବା ପୂର୍ବରୁ ୨ ସହଯୋଗୀଙ୍କ ସହ ପାପୁନି ତାକୁ ଆକ୍ରମଣ କରିଥିଲା । ଏମିତିକି ତାକୁ ନିସ୍ତୁକ ମାଡମାରିବା ସହ ଗାଳି ଗୁଲଜ ମଧ୍ୟ କରିଥିଲେ । ମୋ ନାମରେ ତୋ ସ୍ତ୍ରୀ କରିଥିବା ଅଭିଯୋଗକୁ ମୁଁ ଭୁଲିନି ତୋତେ ଜୀବନରୁ ମାରଦେବା ସହ ତୋ ସ୍ତ୍ରୀକୁ ଦୁଷ୍କର୍ମ କରିବାକୁ ଧମକ ଦେଇଥିଲା । ନିସ୍ତୁକ ମାଡ଼ଖାଇ ବଟ ଚିତ୍କାର କରୁଥିବାବେଳେ ସ୍ଥାନୀୟ ଲୋକମାନେ ଆସିବା ଦେଖି ସେମାନେ ଘଟଣାସ୍ଥଳୁ ଫେରାର ହୋଇଯାଇଥିଲେ ।

ତଣ୍ଡାକୂଳରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ ଦାବି

କଣାସ, ୧୨/୪ (ନି.ପ୍ର.): ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଚିଲିକା ଓ ସମୁଦ୍ରର ସଙ୍ଗମ ସ୍ଥଳ ତଣ୍ଡାକୂଳକୁ ପ୍ରତିଦିନ ବିଭିନ୍ନ ରାଜ୍ୟରୁ ଶହ ଶହ ପର୍ଯ୍ୟଟକ ଆସି ଚିଲିକାରେ ପକ୍ଷୀ ବିଚରଣ ଉପଭୋଗ କରିବା ସହିତ ସାତପଡା ଠାରେ ଡଲଫିନ୍ ଦେଖିବା ଓ ତଣ୍ଡାକୂଳକୁ ଯାଇ ଚିଲିକା ଓ ସମୁଦ୍ରର ଦୃଶ୍ୟ ଉପଭୋଗ କରିଥାନ୍ତି । ହେଲେ ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ରାମଗୃହ ଓ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରୌଦ୍ରତାପ ସମୟରେ ଠାଆକୁ ଠାଆ ବରଡା ପକାଯାଇ ବିଭିନ୍ନ ଦୋକାନ କରିଥିବା ଉଠାଦୋକାନି ମାନଙ୍କ ବରଡାତାଟି ତଳେ ପର୍ଯ୍ୟଟକମାନେ ଆଶ୍ରୟ ନେଉଛନ୍ତି । ବିଶେଷ କରି ମହିଳା ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀକୁ ଆକର୍ଷଣୀୟ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତଣ୍ଡାକୂଳରେ ପର୍ଯ୍ୟଟକମାନଙ୍କ ପାଇଁ କୌଣସି ସୁବିଧା କରାଯାଉନଥିବାରୁ ପର୍ଯ୍ୟଟକଙ୍କ ସମେତ ଆଖପାଖ ଗ୍ରାମବାସୀ ଶିପକୁଦ, ଆଳୁପାଟଣା, ସାତପଡା ଅଂଚଳର ଜନସାଧାରଣ ମଧ୍ୟ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୈନନ୍ଦିନ ସାତପଡା, ଆଳୁପାଟଣା, ଶିପକୁଦ ଗ୍ରାମକୁ ଶହଶହ ପର୍ଯ୍ୟଟକ ଚାରିଚକିଆ ଯାନରେ ଆସି ସେଠାରୁ ଡ଼ଙ୍ଗା ସାହାଯ୍ୟରେ ଚିଲିକାରେ ଭ୍ରମଣ କରିବା ସହିତ ପକ୍ଷୀମାନଙ୍କ ଦୃଶ୍ୟ, ଡଲଫିନ୍ ଦେଖି ତଣ୍ଡାକୂଳରେ ଘଂଟା ଘଂଟା ଧରି ଚିଲିକା ଓ ସମୁଦ୍ରର ଦୃଶ୍ୟକୁ ଉପଭୋଗ କରନ୍ତି । ରାତ୍ରୀ ଯାପନ ପାଇଁ ବିଶ୍ରାମଗୃହ ନଥିବାରୁ ସଂଧ୍ୟା ହେଲେ ପର୍ଯ୍ୟଟକ ଓ ଉଠାଦୋକାନୀମାନେ ତଣ୍ଡାକୂଳରୁ ଫେରିଯାଆନ୍ତି । ତୁରନ୍ତ ରାଜ୍ୟ ସରକାର ତଣ୍ଡାକୂଳରେ ଯାତ୍ରୀ ବିଶ୍ରାମଗୃହ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା କରିବାକୁ ଆଖାପାଖ ଗ୍ରାମବାସୀଙ୍କ ସହିତ ଚିଲିକାକୁ ଆସୁଥିବା ପର୍ଯ୍ୟଟକ ମାନେ ଦାବି କରିଛନ୍ତି ।

ଶ୍ରମିକ ନେତା ଯୋଗେନ ଦାସଙ୍କ ଶ୍ରାଦ୍ଧବାର୍ଷିକ

ବାଲେଶ୍ୱର, ୧୨/୪ (ନି.ପ୍ର.): ବରିଷ୍ଠ ଶ୍ରମିକ ନେତା ସ୍ୱର୍ଗତ ଯୋଗେନ୍ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଓ ସ୍ମୃତିସଭା ରବିବାର ଦିନ ପୂର୍ବାହ୍ନରେ ସୁନହଟ ସ୍ଥିତ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୪ଯୋଗେନ୍ ଦାସ 'ସ୍ମୃତି କମିଟି' ତରଫରୁ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ଆଇନଜୀବି ଶମ୍ଭୁନାଥ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ତାଙ୍କର ବାମପନ୍ଥୀ ଆଦର୍ଶ ଓ ନେତୃତ୍ୱକୁ ଗ୍ରହଣ କରି ଗତ ୭୦ ଓ ୮୦ ଦଶକରେ ବାଲେଶ୍ୱର-ମୟୁରଭଞ୍ଜ ଜିଲ୍ଲାରେ ମେହନତି ଶ୍ରମିକ କର୍ମଚାରୀଙ୍କ ସଂଗଠନଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ଥିଲା ବୋଲି ମତ ଦେଇଥିଲେ । ଅନ୍ୟାୟ, ଦୁର୍ନୀତି ଓ ଶ୍ରମିକମାନଙ୍କୁ ଶୋଷଣକାରୀଙ୍କ ମଧ୍ୟରେ ସେ ଆତଙ୍କ ସୃଷ୍ଟି କରିଥିଲେ । ଶ୍ରମିକମାନଙ୍କୁ ସେମାନଙ୍କ ଆଇନଗତ ପ୍ରାପ୍ୟ ପ୍ରଦାନରେ ତାଙ୍କର ଐତିହାସିକ ସଂଗ୍ରାମଗୁଡ଼ିକ ସଂପର୍କରେ ବହୁ ବକ୍ତା ସେମାନଙ୍କର ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ସ୍ମୃତିକମିଟି ତରଫରୁ ସଂପାଦକ ଶ୍ରଦ୍ଧାଞ୍ଜଳି ପୁସ୍ତିକାକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ । ପୂର୍ବତନ ବିଧାୟକ ତଥା ବରିଷ୍ଠ ଶ୍ରମିକ ନେତା ଅରୁଣ ଦେ, ଗୌରାଙ୍ଗ ପାଣିଗ୍ରାହୀ, ଶଚୀନ୍ଦ୍ର ଦାସ, ବଳରାମ ପଣ୍ଡା, ଭଗବାନ ମହାପାତ୍ର, ରବିନାରାୟଣ ମିଶ୍ର, ବିଦ୍ୟାଧର ପଣ୍ଡା, ଶ୍ୟାମସୁନ୍ଦର ଜେନା, ଅଶୋକ ମହାନ୍ତି, ଡା. ଶାନ୍ତନୁ ଦାସ, ଡା. ସମାପିକା ପରିଡ଼ା, ଡା. ବିଭୂତିଭୂଷଣ ମହାପାତ୍ର, ଆଇନଜୀବି ଶରତ ମହାପାତ୍ର, ବିଜୟ ପାଣିଗ୍ରାହୀ, ଯଦୁନାଥ ବାରିକ, ନିରଞ୍ଜନ ପରିଡ଼ା, ସୁକାନ୍ତ ନାୟକ ଓ ଗ୍ରାମବାସୀ କାହ୍ନୁଚରଣ ଦାସ, ନବ ବାରିକ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଜୀବନୀ ଉପରେ ବିଭିନ୍ନ ଦିଗରୁ ବିଶଦ ଆଲୋଚନା କରିଥିଲେ । ସ୍ୱର୍ଗତ ଦାସଙ୍କ କନିଷ୍ଠ ଜାମାତା ଡ. ଅଭୟ ଦାସ ତାଙ୍କ ପାରିବାରିକ କର୍ତ୍ତବ୍ୟ ଓ ମାନବୀୟ ମୂଲ୍ୟବୋଧ ସଂପର୍କରେ ସୂଚନା ଦେଇଥିଲେ । ସ୍ମୃତି କମିଟିକୁ ପରିବର୍ଦ୍ଧିତ କରି ଆସନ୍ତା ବର୍ଷକୁ ସ୍ମରଣିକା ପ୍ରକାଶ କରିବା ଓ ସୁନହଟର ଏକ ରାସ୍ତାକୁ ୪ ଯୋଗେନ୍ ଦାସଙ୍କ ନାମରେ ନାମିତ କରିବା ଏବଂ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ସ୍ୱର୍ଗତ ଦାସଙ୍କ ପରିବାର ତରଫରୁ ତାପସ ସାହୁ ଓ ଶରତ ଚନ୍ଦ୍ର ବାରିକ ସ୍ମୃତି କମିଟି ସଦସ୍ୟ ଓ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ । ସ୍ମରଣିକା ସଂପାଦକ ମଣ୍ଡଳୀ ସଦସ୍ୟ ପଞ୍ଚାନନ ପରିଡ଼ା ନିଜର ଅଭିମତ ରଖିଥିଲେ ।- ବିଜେପିର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ତାଙ୍କ ବକ୍ତବ୍ୟରେ ୪ ଯୋଗେନ୍ ଦାସଙ୍କ ସହ ତାଙ୍କ ପାରିବାରିକ ସମ୍ପର୍କ ଓ ସେ ପିଲାଦିନୁ ତାଙ୍କୁ ଜଣେ ଭଲ ମଣିଷ ଭାବେ ଜାଣିଥିବାର କହିଥିଲେ । ସ୍ମୃତିକମିଟିର ସଂପାଦକ ସୁରେନ୍ଦ୍ର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ନେସ୍କୋ : ନୂତନ କର୍ମଚାରୀ ନିଯୁକ୍ତି କରାନଗଲେ ଆନ୍ଦୋଳନ କରାଯିବ -ପାୱାର ଏମ୍ପ୍ଲୋଇଜ ୟୁନିୟନ

ବାରିପଦା, ୧୨/୪ (ନି.ପ୍ର.): ବାରିପଦା ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ବାର୍ଷିକ ସାଧାରଣ ସଭାରେ ବିଭାଗ ପକ୍ଷରୁ ନୂତନ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆ ନ ଗଲେ ୟୁନିୟନ ଆନ୍ଦୋଳନକୁ ଉହ୍ଲାଇ ଆସିବାକୁ ବାଧ ହେବ ଏବଂ ନେସ୍କୋରେ କାର୍ଯ୍ୟରତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲ କରିବା ନିମନ୍ତେ କୌଣସି ପ୍ରକାରର ସାଲିସ କରାଯିବ ନାହିଁ ବୋଲି ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଛି । ଆଜି ମୟୂରଭଞ୍ଜ ଜିଲ୍ଲା ଉଦଳାଠାରେ ପାୱାର ଏମ୍ପ୍ଲୋଇଜ ୟୁନିୟନର କାର୍ଯ୍ୟକାରୀ ସଭାପତି ଜଗଦ୍ଦିଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ସହ-ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା,ବାରିପଦା ଡ଼ିଭିଜନ ଅର୍ଗାନାଇଜର ଦେବାଶିଷ ବେହେରା, ଉଦଳା ଡ଼ିଭିଜନ ସମ୍ପାଦକ ଦୀପ୍ତିକାନ୍ତ ଭୂୟାଁ, ବରିଷ୍ଠ କର୍ମଚାରୀ ଅଭି ସେନାପତି, ଜ୍ୟୋତିଲାଲ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ କର୍ମଚାରୀମାନଙ୍କ ସମସ୍ୟା ଓ ବିଦ୍ୟୁତ୍ ଉପଭୁକ୍ତାମାନଙ୍କୁ ଉତମ ବିଦ୍ୟୁତ୍ ସେବା ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଫିଲଡ଼୍‌ରେ କାର୍ଯ୍ୟ କରୁଥିବା ସମୟରେ ବର୍ଷ ବର୍ଷ ଧରି ବିଭାଗ ପକ୍ଷରୁ ଫିଉଜ ତାର, ଏ.ବି. ସୁଇଚ, କଟ ଆଉଟ, ହସ୍ତ ଗ୍ଲୋବସ, ଦଉଡ଼ି, ସକେଟ, ଇନସୁଲେଟର, ଡ଼ିସଚାର୍ଯ୍ୟ ରଡ଼ ଆଦି ବିଦ୍ୟୁତ୍ ସରଞ୍ଜାମ ଆଦି ଯୋଗାଇ ଦିଆ ନ ଯିବା ଫଳରେ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥଳ ବିଶେଷରେ କର୍ମଚାରୀମାନଙ୍କ ଜୀବନ ଯାଉଛି । ଏଥି ସହିତ ବିଦ୍ୟୁତ୍ ଉପଭୁକ୍ତାମାନେ ଉତମ ସେବା ପାଇବାରୁ ବଂଚିତ ହେଉଛନ୍ତି । ସେହିପରି ନୂତନ କର୍ମଚାରୀ ନିଯୁକ୍ତି ଦିଆ ନ ଯାଉଥିବା କାରଣରୁ ବିଭାଗରେ ବହୁ ସଂଖ୍ୟାରେ ପଦବୀଗୁଡ଼ିକ ଖାଲି ପଡ଼ି ରହିଛି । ରହିଥିବା ସ୍ୱଳ୍ପ ସଂଖ୍ୟକ କର୍ମଚାରୀମାନଙ୍କ ଉପରେ ୱାର୍କ ଲୋଡ଼ ଅଧିକ ମାତ୍ରାରେ ପଡୁଛି ଓ ସ୍ଥଳ ବିଶେଷରେ ସେମାନେ ଭୋକ ଉପବାସରେ ରହି କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି । ୨ ବର୍ଷରୁ ଅଧିକ ସମୟ ଧରି ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଇନସେଣ୍ଟିଭ ନ ମିଳିବା, ଅଫିସ ଓ ଷ୍ଟ୍ରକଚର ଘରଗୁଡ଼ିକର ପୁର୍ନଉଦ୍ଧାର କରାନଯିବା, କାର୍ଯ୍ୟାଳୟରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାନଯିବା, କର୍ମଚାରୀମାନଙ୍କୁ ପ୍ଲେ ସ୍ଲିପ ନ ଦେବା, କାର୍ଯ୍ୟାଳୟ ଜଗିବା ନିମନ୍ତେ ସିକ୍ୟୁରିଟି ଗାର୍ଡ଼ ନିଯୁକ୍ତି ଦିଆ ନ ଯିବା, ରେଭିନ୍ୟୁ କଲେକସନରେ ନିଯୁକ୍ତ କର୍ମଚାରୀମାନଙ୍କ ରିଫ୍ରେସମେଣ୍ଟ ନିମନ୍ତେ ୮୦ ଟଙ୍କା ଲେଖାଏଁ ଯୋଗାଇ ନ ଦେବା, ପ୍ରତ୍ୟେକ ଷ୍ଟ୍ରକଚରରେ ଲାଇଟ ସୁବିଧା ଉପଲବ୍ଧ ନ ହେବା ଆଗି ୧୦ ଦଫା ଦାବୀଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଏକ ଦାବୀପତ୍ର ଟାଟା ପାୱାରର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼(ଟିପିଏନଓଡ଼ିଏଲ)ର ଉଦଳା ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଶେଷରେ ସଂଘର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଦଳା ଡ଼ିଭିଜନ ଅଧୀନ ୫ଟି ସେକସନ, ୨ଟି ସବଡ଼ିଭିଜନ ଓ ଗୋଟାଏ ଡ଼ିଭିଜନରେ ୟୁନିୟନକୁ ତୃଣମୂଳ ସ୍ତରରେ ସୁସଙ୍ଗଠିତ, ଶସକ୍ତ ଓ କ୍ରିୟାଶୀଳ କରାଇବା ଉଦ୍ଦେଶ୍ୟରେ ନୂନ କର୍ମକର୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା । ଏମାନଙ୍କ ମଧ୍ୟରେ ନେସ୍କୋ ଜୋନ ପାଇଁ ସହ-ସମ୍ପାସଦକ ଭାବେ ସତ୍ୟରଞ୍ଜନ ପାଣିଗ୍ରାହୀ, ଉଦଳା ଡ଼ିଭିଜନ ସମ୍ପାଦକ ଭାବେ ଦୀପ୍ତିକାନ୍ତ ଭୂୟାଁ, ସହ-ସବଡ଼ିଭିଜନ ସମ୍ପାଦକ ଭାବେ ପ୍ରତାପ ଚନ୍ଦ୍ର ମହାନ୍ତ, ଡ଼ିଭିଜନ ଅର୍ଗାନାଇଜର(ଉଦଳା) ଭାବେ ଜ୍ୟୋତି ପ୍ରକାଶ ମହାପାତ୍ର, ଖୁଂଟା ପାଇଁ ଗୌରାଙ୍ଗ ଚରଣ ପଣ୍ଡା, ଉଦଳା ସବଡ଼ିଭିଜନ ଅର୍ଗାନାଇଜର ଭାବେ ଆଶିଷ କୁମାର ପୁହାଣ, ଖୁଂଟା ସବଡ଼ିଭିଜନ ଅର୍ଗାନାଇଜର ଭାବେ ସୁକାନ୍ତ ମହାପାତ୍ର , ଉଦଳା ସେକ୍ସନ ଅର୍ଗାନାଇଜର ଭାବେ ସପନ କୁମାର ଦାସ, କପ୍ତିପଦା ସେକ୍ସନ ଅର୍ଗାନାଇଜର ଭାବେ ଅକ୍ଷୟ କୁମାର ବିନ୍ଧାଣୀ, ମାଣତ୍ରି ସେକ୍ସନ ଅର୍ଗାନାଇଜର ଭାବେ ଦେବାଶିଷ ଦତ, ବଡ଼ସାହି ସେକ୍ସନ ଅର୍ଗାନାଇଜର ଭାବେ ଉପେନ୍ଦ୍ର ପାତ୍ର, ଖୁଂଟା ସେକ୍ସନ ଅର୍ଗାନାଇଜର ଭାବେ ଉତ୍କଳ ପ୍ରସାଦ ସିଂ ପ୍ରମୁଖଙ୍କ ନାମ ଘୋଷଣା କରାଯିବା ସାଙ୍ଗକୁ ଟିପିଏନଓଡ଼ିଏଲ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି । କାର୍ଯ୍ୟକ୍ରମ ଶେଷରେ ଜ୍ୟୋତିଲାଲ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାଲୁ ଆକ୍ରମଣରେ ଦୁଇ ଗୁରୁତର

ସମ୍ବଲପୁର, ୧୨/୪ (ନି.ପ୍ର.): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ ବୁରୋଡିହି ଓ ଫଟାଟାଙ୍ଗର ଗ୍ରାମ ନିକଟସ୍ଥ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତ ଦ୍ୱୟଙ୍କ ମଧ୍ୟରେ ଜଣେ ଯୁବତୀ ଓ ଅନ୍ୟ ଜଣେ ଯୁବକ ରହିଛନ୍ତି ।

ରେଳବାଇ ପୁଲିସ୍ ଦ୍ୱାରା ମୋବାଇଲ୍ ଲୁଟେରା ଗିରଫ

ଭଦ୍ରକ, ୧୨/୪ (ହି.ସ.): ଭଦ୍ରକ ରେଳବାଇ ପୁଲିସ୍ ହାତରେ ଧରାପଡିଲେ ମୋବାଇଲ୍ ଲୁଟେରା ଗ୍ୟାଙ୍ଗ । ଏଥିରେ ସଂପୃକ୍ତ ଦୁଇ ଅଭିଯୁକ୍ତ ଗରିଫ ହୋଇଛନ୍ତି ଓ ତାଙ୍କଠାରୁ ୧୩ ଟି ଚୋରା ମୋବାଇଲ୍ ଫୋନ୍ ଜବତ କରାଯାଇଛି । ହାଓ୍ୱାଡା-ଯଶବନ୍ତପୁର ଟ୍ରେନ୍ ଯାଉଥିବା ସମୟରେ ଗତକାଲି ବିଳମ୍ବିତ ରାତିରେ ଭଦ୍ରକ ଜିଆରପି ପୁଲିସ୍ ଏହି ମୋବାଇଲ୍ ଲୁଟେରାଙ୍କୁ ଧରିଥିଲା । ପରେ ଅଧିକ ଚଢାଉ କରିବା ପାଇଁ ଆରପିଏଫ୍‌ର ସହଯୋଗ ନେଇଥିଲା ଜିଆରପି ପୁଲିସ୍ । ଉଭୟ ଜିଆରପି ଥାନାଧିକାରୀ ସନ୍ତୋଷ କୁମାର ବାହିନୀପତି ଓ ଆରପିଏଫ୍ ଥାନାଧିକାରୀ ବିକାଶ ରଂଜନ ସିଂଙ୍କ ମିଳିତ ଉଦ୍ୟମରେ ଦୁଇ ମୋବାଇଲ୍ ଲୁଟେରାକୁ ଧରିଥିଲେ । ଏମାନଙ୍କ ନିକଟରୁ ବିଭିନ୍ନ ନାମୀଦାମୀ କଂପାନୀର ୧୩ ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବାବେଳେ ଦୁଇ ଅଭିଯୁକ୍ତଙ୍କ

ଆସନ୍ତୁ ବୁଲିଯିବା ଇଣ୍ଡୋନେସିଆ

ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପୁରୁଣା । ପୂର୍ବେ ଓଡ଼ିଆ ସାଧବମାନେ ବୋଇତରେ ଏହି ଦେଶର ଜାଭା, ବୋର୍ଣ୍ଣିଓ, ସୁମାତ୍ରା ପ୍ରଭୃତି ବିଭିନ୍ନ ଦ୍ୱୀପକୁ ଯାଇ ବାଣିଜ୍ୟ କରୁଥିଲେ । ଫଳରେ ଆମ ସଂସ୍କୃତି ବିଭିନ୍ନ ଦ୍ୱୀପକୁ ଯାଇ ବାଣିଜ୍ୟ କରୁଥିଲେ । ଫଳରେ ଆମ ସଂସ୍କୃତି ଓ ପରମ୍ପରାର ପ୍ରଭାବ ସେଠାରେ ଦେଖିବାକୁ ମିଳେ ।

ଇଣ୍ଡୋନେସିଆରେ ୧୭, ୫୦୮ଟି ଦ୍ୱୀପ ଅଛି । ଅତୀତରେ ଏହି ଦେଶ ନେଦରଲାଣ୍ଡର ଏକ ଉପନିବେଶ ଥିଲା । ଡଚମାନେ ଏହାକୁ ଶାସନ କରୁଥିଲେ । ଆଚମାଡ, ସୁକର୍ଣ୍ଣୋ, ମହମ୍ମଦ ହାତ୍ତା ଓ ସୁଲତାନ ଜାରିହିର ପ୍ରମୁଖଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସ୍ୱାଧୀନତା ଆନ୍ଦୋଳନ ସଫଳ ହେଲା ଏବଂ ୧୭ଅଗଷ୍ଟ୧୯୪୫ରେ ଇଣ୍ଡୋନେସିଆ ସ୍ୱାଧୀନ ହେଲା, ମାତ୍ର ଡଚମାନେ ୧୯୪୭ରେ ପୁନର୍ବାର ଆକ୍ରମଣ କରି ସୁଲତାନ ଜାରିହିରଙ୍କୁ ବନ୍ଦୀକରି ଜାଭାରେ ରଖିଲେ । ଓଡ଼ିଶାର ଜନପ୍ରିୟ ନେତା ସ୍ୱର୍ଗତ ବିଜୁ ପଟ୍ଟନାୟକ ନିଜ ଡାକୋଟା ବିମାନରେ ତାଙ୍କୁ ଉଦ୍ଧାର କରି ସିଙ୍ଗାପୁର ଦେଇ ୨୪ ଜୁଲାଇ ୧୯୪୭ରେ ତାଙ୍କୁ ଦିଲ୍ଲୀରେ ପହଞ୍ଚାଇଲେ । ଦିଲ୍ଲୀରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଦ୍ୱାରା ଆୟୋଜିତ ଏସିଆ ମହାଦେଶର ଏକ ସମ୍ମିଳନୀରେ ଅଂଶ ଗ୍ରହଣ କରି ଚାରିହିର ବହୁ ଦେଶର ସମର୍ଥନ ପାଇଲେ ଏବଂ ଏହା ପରେ ଇଣ୍ଡୋନେସିଆ ପୂର୍ଣ୍ଣ ସ୍ୱାଧୀନତା ହାସଲ କଲା । ୧୯୯୬ରେ ଇଣ୍ଡୋନେସିଆର ୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଜୁବାବୁଙ୍କ ଉକ୍ତ ଦେଶ ପକ୍ଷରୁ 'ଭୂମିପୁତ୍ର' ଉପାଧିରେ ସମ୍ମାନିତ କରାଗଲା । ୩୪ପ୍ରଦେଶ ବିଶିଟ୍ଟ ଇଣ୍ଡେନେସିଆ ବିଶ୍ୱର ୧୪ତମ ବୃହତ ଦେଶ । ଏହାର ଜନସଂଖ୍ୟା ପ୍ରାୟ ୨୬କୋଟି ୪୦ଲକ୍ଷ । ଏହାର ବେଳାଭୂମି ୧,୯୦.୫୭୦ ବର୍ଗ କିଲୋମିଟର, ସ୍ଥଳଭାଗ ୯୫.୧୫ ପ୍ରତିଶତ, ଏହାର ଜଳଭାଗ ୪.୮୫ ପ୍ରତିତ । ବହୁ ନଦୀ, ହ୍ରଦ, ଝରଣା, ପର୍ବତ, ଆଗ୍ନେୟଗିରି ସହ ଅନେକ ମସଜିଦ, ମନ୍ଦିର , ଚର୍ଚ୍ଚ, ଉଦ୍ୟାନ, ଚିଡ଼ିଆଖାନା ପ୍ରଭୃତି ରହିଥିବାରୁ ଦେଶଟି ଅତ୍ୟନ୍ତ ଦର୍ଶନୀୟ । ଏହାର ଟେବାଲ ହ୍ରଦ ବିଶ୍ୱର ବୃହତ୍ତମ ହ୍ରଦ । କୁଆସ, ସେପିକ ଓ ପପୁଆ ଏହାର ପ୍ରସିଦ୍ଧ ନଦୀ । ଏଗୁଡ଼ିକ ଆମ ମହାନଦୀଠାରୁ ମଧ୍ୟ ବଡ଼ ।

ଇଣ୍ଡୋନେସିଆର ଜାତୀୟ ପତାକାରେ ଥିବା ନାଲି ଓ ଧଳା ରଙ୍ଗ ରକ୍ତ ଓ ଆତ୍ମାର ପ୍ରତୀକ । ଏହାର ଜାତୀୟ ଖାଦ୍ୟ ଫ୍ରାଏଡ ରାଇସ, ଜାତୀୟ ଫୁଲ ଜସମିନ, ଜାତୀୟ ପକ୍ଷୀ ଇଗଲ ଓ ଜାତୀୟ ବୃକ୍ଷ ବରଗଛ । ଏଠାରେ ମୁଦ୍ରାକୁ ରୂପିୟା କୁହାଯାଏ । ତେବେ ଭାରତୀୟ ରୂପିୟା ତୁଳନାରେ ଇଣ୍ଡୋନେସିଆ ମୁଦ୍ରାର କ୍ରୟଶକ୍ତି ଯଥେଷ୍ଟ କମ । ଭାରତ ଏହି ଦେଶକୁ କୋଇଲା ବ୍ରିକେଟ, ପାମତେଲ, ମୁକ୍ତା, ଜୈବିକ ରାସାୟନିକ ଦ୍ରବ୍ୟ, ଔଷଧ, ପ୍ଲାଷ୍ଟିକର ବିଭିନ୍ନ ପଦାର୍ଥ, କପଡ଼ା, ଧୂଆଁପତ୍ର, ପରିବା ଓ ଫଳ ଆଦି ରପ୍ତାନି କରେ ଏବଂ ସେଠାରୁ ଖଣିଜ ତୈଳ, ପ୍ରାକୃତିକ ଗ୍ୟାସ ପ୍ଲାଇଉଡ, ରବର, ମସଲା ପ୍ରଭୃତି ଆମଦାନୀ କରେ । ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ଯୋଜନା ସନ୍ତୋଷଜନକ ନୁହେଁ । ସେଠାରେ ଲୋକଙ୍କ ହାରାହାରି ଆୟୁ ସୀମା ୬୯.୩ବର୍ଷ/ । ପ୍ରାୟ ୫.୫ଲୋକଙ୍କ ସନ୍ତୋଷଜନକ ଆୟପନ୍ଥା ନାହିଁ । ମୁସଲିମ ଅଧିବାସୀଙ୍କ ସଂଖ୍ୟା୮୬.୧ପ୍ରତିଶତ ଏବଂ ହିନ୍ଦୁଙ୍କ ୧.୮ ପ୍ରତିତ । ଭାତ, ଫ୍ରାଇଡ ରାଇସ, ରୁଟି ଡାଲି, ପନିପରିବା, ଅଣ୍ଡା, ମାଛ ଓ ମାଂସ ସେମାନଙ୍କ ପ୍ରିୟ ଖାଦ୍ୟ । ବୟସ୍କମାନେ ସକାଳେ ଓ ସନ୍ଧ୍ୟାରେ ଚାହା କିମ୍ବା କଫି ପିଅନ୍ତି ।

ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପୁରୁଣା । ଭୁବନେଶ୍ୱରରୁ ଉଡ଼ାଜାହାଜରେ ବାନ୍ଦୁଙ୍ଗରେ ବହଞ୍ଚିବାକୁ ପ୍ରାୟ ୧୨ଘଣ୍ଟା ସମୟ ଲାଗେ ଏବଂ ଖର୍ଚ୍ଚ ହୁଏ ୧୦ହଜାର ଯଙ୍କା । ବାନ୍ଦୁଙ୍ଗ ପଶ୍ଚିମ ଜାଭାର ରାଜଧାନୀ । ଏହାର ଜନସଂଖ୍ୟା ପ୍ରାୟ୨୫ଲକ୍ଷ ୭୫ହଜାର । ଏହି ନଗରୀ ପୁଷ୍ପସହର ନାମରେ ମଧ୍ୟ ପରିଚିତ । ସେଠାରୁ ଟ୍ରେନରେ ମାତ୍ର ୩ଘଣ୍ଟାରେ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ପହଞ୍ଚି ହେବ । ଜାକର୍ତ୍ତାକୁ ଶୁଭସହର ମଧ୍ୟ କୁହାଯାଏ । ଏହାର ଜନସଂଖ୍ୟା ୧କୋଟି ୭୫ଲକ୍ଷ । ସେହିପରି ଜାକର୍ତ୍ତାରୁ ବିମାନରେ ମାତ୍ର ଦୁଇ ଘଣ୍ଟାରେ ଡେନପାସାର ରାଜଧାନୀ ବାଲିରେ ପହଞ୍ଚି ହେବ । ବାଲିରୁ ଈଶ୍ୱରଙ୍କ ଦ୍ୱୀପ କୁହାଯାଏ ।

ପୂର୍ବେ ଓଡ଼ିଆ ସାଧବମାନେ ପାନ, ଗୁଆ, ପନିପରିବା, ଫଳ, ପ୍ରଭୃତି ବିଭିନ୍ନ ପ୍ରକାର ଦ୍ରବ୍ୟ ନେଇ ବେପାର ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାଭା, ବୋର୍ଣ୍ଣିଓ, ସୁମାତ୍ରା ତଥା ବାଲି ଦ୍ୱୀପକୁ ଆସୁଥିଲେ । ବର୍ତ୍ତମାନ ତାହା ବନ୍ଦ ହୋଇଯାଇଥିଲେ ମଧ୍ୟ ଆମ ପରମ୍ପରାରେ ଆଜି ଯାଏ ବଞ୍ଚି ରହିଛି । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା ଡଙ୍ଗାଭସା ଉତ୍ସବ ତା'ର ପରିଣତି । ଇଣ୍ଡୋନେସିଆରେ ମଧ୍ୟ ଏହାର ଝଲକ ଦେଖିବାକୁ ମିଳେ । ସେଠାକାର ପିଲାମାନେ ମା'ଙ୍କୁ'ବୋଉ' ପରି ବୁ ଓ 'ବାପା'ଙ୍କୁ 'ବାପେ' ବୋଲି ଡାକନ୍ତି। ସେଠାରେ ମଧ୍ୟ ଲୋକେ ଆମ ପରି ମଣ୍ଡାପିଠା, କାକରା ପିଠା, ଖିରି, ସଜନାଶାଗ ଖାଆନ୍ତି । ଏପରିକି ଖାଦ୍ୟ କଦଳୀପତ୍ରରେ ବାଢ଼ି ଖାଇଥାନ୍ତି । ସେଠାରେ ମଧ୍ୟ ଦୁଇହାତ ଯୋଡ଼ି ନମସ୍କାର କରାଯାଏ । ସଂପ୍ରତି ଇଣ୍ଡୋନେସିଆ ସହ ଓଡ଼ିଶାର ସମ୍ପର୍କକୁ ଆହୁରି ଦୃଢ଼ କରିବାର ପ୍ରୟାସ କରାଯାଉଛି । ଏହ ସଫଳ ହେଲେ ପର୍ଯ୍ୟଟନ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଓଡ଼ିଶା ସମୃଦ୍ଧ ହୋଇପାରିବ ।

ହେମୋଗ୍ଲୋବିନ୍ ବୃଦ୍ଧି ପାଇଁ ତୁଳସୀ ଖାଆନ୍ତୁ

ଶରୀରରେ ହେମୋଗ୍ଲୋବିନର ପର୍ଯ୍ୟପ୍ତ ମାତ୍ରା ରହିବା ନିତାନ୍ତ ଜରୁରୀ । ଏହା ଦ୍ୱାରା ଆମ ମୁଖ୍ୟ ଅଙ୍ଗ ମସ୍ତିଷ୍କ, ବୃକକ୍, ହୃଦଯନ୍ତ୍ର ଉତ୍ତମ ଭାବରେ କାମ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ । ହେକୋଗ୍ଲୋବିନର ମାତ୍ରା କମ୍ ହେଲେ ଖଦ୍ୟପାନୀୟରେ ଅନିୟମିତତା ସମସ୍ୟା ଆରମ୍ଭ ହୋଇଥାଏ । ରୋଗୀ ସବୁ ସମୟରେ ହାଲିଆ ଅନୁଭବ କରିବା ସହ କାର୍ଯ୍ୟ କରିବାର କ୍ଷମତା ନଥାଏ । ତେବେ ଏଥିପାଇଁ କୌଣସି ଔଷଧ ସେବନ କରିବା ପୂର୍ବରୁ ପ୍ରଥମେ ସରଳ ଉପାୟ ଆମ୍ଭ କରନ୍ତୁ । ପ୍ରତ୍ୟେକଙ୍କ ଘରେ

ତୁଳସୀ ଗଛ ଥାଏ । ଏଣୁ ନିୟମିତ ଭାବେ ୫.୬ଟି ତୁଳସୀ ପତ୍ର ଚୋବାଇ ଖାଆନ୍ତୁ। ନଚେତ୍ ତୁଳସୀପତ୍ରକୁ ଛେଚି କୌଣସି ପାନୀୟ ଅଥବା ଚା'ରେ ମିଶାଇ ପିଅନ୍ତୁ । ମାସ କେଇଟାରେ ହିଁ ହେମୋଗ୍ଲୋବିନ୍ ସମସ୍ୟା ଦୂର ହେବ । ପାଚିଲା ପିଜୁଳିରେ ଲୌହ ତତ୍ତ୍ୱ ଭରପୂର ରହିଥାଏ । ନିୟମିତ ଭାବେ ଗୋଟଏ କିମ୍ବା ଦୁଇଟି ପିଜୁଳି ଖାଇଲେ ମଧ୍ୟ ରକ୍ତହୀନତା ସମସ୍ୟା ଦୂର ହେଉଥିବାର ବିଶେଷଜ୍ଞଙ୍କ ମତ । ଅଙ୍ଗୁର ନାସପାତି ନଡ଼ିଆପାଣି, ପାଳଙ୍ଗଶାଗ, ଜାମୁକୋଳି, ଗୁଡ଼ ଇତ୍ୟାଦି ସେବନ କଲେ



ମଧ୍ୟ ହେମୋଗ୍ଲୋବିନ୍ ମାତ୍ରା ଶରୀରରେ ଶୀଘ୍ର ବୃଦ୍ଧି ହୋଇଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରକାଶ ।

ଏମିତି ଏକ ମନ୍ଦିର: ଯେଉଁଠି ଭୋଗ ଲାଗେ ବର୍ଗର, ଭୋଗ ବର୍ଗର, ବ୍ରାଉନିଜ, ସ୍ୟାଣ୍ଡୱିଚ୍

ଆପଣ ଆଜିଯାଏ ଏମିତି ବହୁତ ମନ୍ଦିର ଦେଖିଥିବେ, ଯେଉଁଠାରେ ଭୋଗ ଭାବରେ ମିଳିଥାଏ ଲଡୁ, ପୋଡ଼ା, ବୁନ୍ଦି କିମ୍ବା ଫଳ । କିନ୍ତୁ କେବେ ଏମିତି ମନ୍ଦିର ଦେଖିଛନ୍ତି, ଯେଉଁଠାରେ ପ୍ରସାଦ ଭାବେର ବର୍ଗର ଓ ସ୍ୟାଣ୍ଡିଓ୍ୱିଚ୍ ଭଳି ଫାଷ୍ଟଫୁଡ୍ ମିଳିଥାଏ । ଯଦି ଦେଖିନାହାନ୍ତି ଥର ବୁଲି ଆସନ୍ତୁ 'ଜୟ ଦୁର୍ଗା ପୀଠମ୍ ମନ୍ଦିର' । କୁହାଯାଏ - ହିନ୍ଦୁଧର୍ମରେ ମାନ୍ୟତା ରହିଛି ଯେ ପ୍ରସାଦ ନେବାକୁ ମନା କଲେ, ଭଗବାନ ରୁଷ୍ଟ ହୁଅନ୍ତି । ପ୍ରସାଦକୁ ଭଗବାନଙ୍କ ଆଶୀର୍ବାଦ ଭାବେ ଗ୍ରହଣ କରାଯାଏ । କିନ୍ତୁ ଯେତେବେଳେ ବର୍ଗର, ସ୍ୟାଣ୍ଡୱିଚ୍ ଓ ବ୍ରାଉନିଜର କଥା ଉଠେ ଶ୍ରଦ୍ଧାଳୁମାନଙ୍କ ଖୁସି ଦୁଇଗୁଣା ହୋଇଯାଏ । ଶ୍ରଦ୍ଧାଳୁଙ୍କ ଖୁସିକୁ ବୁଝିପାରିଥିବା ଏହି ମନ୍ଦିରଟି ରହିଛି ତାମିଲନାଡୁରେ । ଚେନ୍ନାଇରେ ଜୟ ଦୁର୍ଗା ପୀଠମ୍ ମନ୍ଦିର ଅବସ୍ଥିତ । ଏଠାରେ ପ୍ରସାଦ ଭାବରେ ବର୍ଗର, ବ୍ରାଉନିଜ୍, ସ୍ୟାଣ୍ଡୱିଚ୍ ଓ ଚେରୀଟମାଟୋ ସାଲାଡ ଦିଆଯାଏ । ମିଳିଥିବା ରିପୋର୍ଟ ଅନୁସାରେ, ଜଣେ ହର୍ବାଲ ଅଙ୍କୋଲୋଜିଷ୍ଟ ଏହି ମନ୍ଦିରର ସ୍ଥାପନ କରିଥିଲେ । ସେ ହେଉଛନ୍ତି ଶ୍ରୀ ଧର । ସେ ଏହି ମନ୍ଦିରର ଏଭଳି ପ୍ରସାଦ କରିବା ପାଇଁ କହିଥିଲେ । କୁହାଯାଏ ଏଠାକୁ ଆପଣ ଯାହା ଶ୍ରଦ୍ଧା ଓ ପବିତ୍ର ମନରେ ଅରଣିବେ, ତାହା ପୂଜା

କରାଯିବ । ଏଠାକୁ ବହୁ ଶ୍ରଦ୍ଧାଳୁ ଆସି ଏଭଳି ପ୍ରସାଦ ଗ୍ରହଣ କରିଥାନ୍ତି । ଏଠାରେ ଭୋଗ କରାଯାଉଥିବା ଏ ସମସ୍ତ ସାମଗ୍ରୀକୁ ମଧ୍ୟ 'ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ ଇଣ୍ଡିଆ' ଦ୍ୱାରା ପ୍ରମାଣିତ କରାଯାଇଥାଏ । ତା ସହିତ ଏହି ପ୍ୟାକେଟ ଉପରେ ଏକ୍ସପାରୀ ତାରିଖ ମଧ୍ୟ ଉଲ୍ଲେଖ ହୋଇଥାଏ । ମନ୍ଦିରରେ ପ୍ରସାଦ ବିତରଣ ପାଇଁ ଭେଣ୍ଡିଂ ମେସିନ ମଧ୍ୟ ଲଗାଯାଇଛି ।

ତ୍ୱଚାକୁ ସଂକ୍ରମଣରୁ ଦୂରେଇ ରଖେ ବନ୍ଧାକୋବି

ସାଧାରଣତଃ ସେ ପୁଅ ହୁଅନ୍ତୁ ଅବା ଝିଅ ନିଜ ମୁହଁକୁ ସୁନ୍ଦର କରିବା ପାଇଁ ସମସ୍ତେ ଚାହାନ୍ତି । ଏଥିପାଇଁ ବହୁ ଟଙ୍କା ମଧ୍ୟ ଖର୍ଚ୍ଚ କରି ଥାଆନ୍ତି। ଏମିତି କି ବେଳେ ବେଳେ ବିଭିନ୍ନ ପ୍ରକାର କ୍ରିମ ବ୍ୟବହାର ଦ୍ୱାରା ଚର୍ମରେ ସଂକ୍ରମଣ ହୋଇ ଚେହେରା ଆହୁରି ଅଧିକ ଖରାପ ହୋଇଯାଇଥାଏ। ଏପରି ପରିସ୍ଥିତିରେ ଘରୋଇ ଉପଚାର କରିବା ବହୁତ ଲାଭଦାୟକ ହୋଇଥାଏ। ଏହାଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ଭୟ ବି ନଥାଏ।

ତେବେ ବହୁତ କମ ଲୋକ ଜାଣିଛନ୍ତି କି ବନ୍ଧାକୋବି ରୋଷେଇ ବ୍ୟତୀତ ତ୍ୱଚା ପାଇଁ ବି ବ୍ୟବହାର କରାଯାଇଥାଏ। ଏହା ତ୍ୱଚା କୁଞ୍ଚନ ଦୂର କରିବା ସହ ଚେହେରାର ଚମକ ବଢ଼ାଇବାରେ ସହାୟକ ହୋଇଥାଏ।

ଆସନ୍ତୁ ଜାଣିବା ତ୍ୱଚାର ଔଜ୍ଜ୍ୱଲ୍ୟ ବୃଦ୍ଧିରେ ବନ୍ଧାକୋବିକୁ କିପରି ବ୍ୟବହାର କରିବ। ପ୍ରଥମେ ମୁହଁକୁ ଭଲଭାବେ ଧୋଇ ଦେବା। ଏହାପରେ ୪ ବଡ ଚାମଚ ବନ୍ଧାକୋବି, ଗୋଟିଏ ଅଣ୍ଡାର ଧଳା ଅଂଶ, ୧ ଚାମଚ ମହୁ, ୨ ଚାମଚ ଚାଉଳ ପାଉଡର, ୪ରୁ ୫ ବୁନ୍ଦା ଲେମ୍ବୁ ରସ ସବୁକୁ ମିଶାଇ ଏକ ପେଷ୍ଟ ତିଆରି କରିବା

ଏହାକୁ ଚେହେରା ଲଗାଇ୨୦ମିନିଟ ରଖିବା ପରେ ଧୋଇ ଦେବା। ଏହି ପ୍ୟାକକୁ ବ୍ୟବହାର କରିବା ଦ୍ୱାରା ତ୍ୱଚାର ଚମକ ବଢ଼ିବା ସହ ତ୍ୱଚା କୁଞ୍ଚନ ଦୂର ହୋଇଥାଏ ।

ମହିଳାଙ୍କ ପାଇଁ ଶକ୍ତିଦାୟୀ

ପୂର୍ବେ ମହିଳାମାନଙ୍କୁ ଘରୁ କେଉଁଆଡ଼େ ଯିବାକୁ ଅନୁମତି ମିଳୁନଥିଲା । କିନ୍ତୁ ବର୍ତ୍ତମାନ ମହିଳାମାନଙ୍କ ଦାୟିତ୍ୱ ବଢ଼ିଯାଇଛି । ଘର ହେଉ ଅବା ବାହାର ସମସ୍ତ ସ୍ଥାନରେ ମହିଳାଙ୍କ ବେଶୀ କାର୍ଯ୍ୟ କରିବାକୁ ପଡୁଛି । ଘର ସହିତ ବାହାର କାର୍ଯ୍ୟର ଦାୟିତ୍ୱ ସୁରୁଖୁରୁ ଭାବେ ତୁଲାଇବା ସହ ପୁନଶ୍ଚ ଆଉ ଏକ ପ୍ରଭାତ ପାଇଁ ପ୍ରସ୍ତୁତ ହେବାପାଇଁ ମହିଳାଙ୍କୁ ପ୍ରଚୁର ଶକ୍ତି ପ୍ରଦାୟୀ ଖାଦ୍ୟ ଖାଇବା ଆବଶ୍ୟକ । ତେବେ ଜାଣନ୍ତୁ ଖାଦ୍ୟ ପଦାର୍ଥରେ କେଉଁକେଉଁ ଡାଏଫ୍ରୁଟ ସାମିଲ କରିବା ଆବଶ୍ୟକ ।

ଡିମିରି ଫଳ: ଡିମିରି ଫଳ ପେଟ ପାଇଁ ଖୁବ୍ ଉପାଦାୟୀ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ତ ସମସ୍ୟା କମିଯାଏ । ଏହା ସହ ଶରୀରକୁ ତୁରନ୍ତ ଶକ୍ତି ମଧ୍ୟ ମିଳିଥାଏ । ତେଣୁ ସକାଳୁ ପ୍ରତିଦିନ ଏହାକୁ ଖାଇବା ଆବଶ୍ୟକ । ଡିମିରି ଫଳ ଖାଇବା ପାଇଁ ରାତିରେ ୧କପ୍ ପାଣିରେ ୨ଟି ଟିମିରି ଫଳ ଭିଜାଇ ରଖି ସକାଳୁ ପାଣିକୁ ପିଇବା ସହ ତାକୁ ଖାଇବା ଆବଶ୍ୟକ । ଚାହିଁଲେ ଚା' କିମ୍ବା ଦୁଗ୍ଧରେ ମିଶାଇ ସେବନ କରିପାରିବେ ।

କିସମିସ୍: ଯେଉଁ ମହିଳାଙ୍କ ଶରୀରରେ କମ୍ ପରିମାଣରେ ଆଇରନ୍ ରହିଥାଏ ଏହା ମହୋଷଧୀ ରୂପେ କାର୍ଯ୍ୟ କରିଥାଏ ।ଏଥିପାଇଁ ରାତିରେ ଅଳ୍ପ ପାଣିରେ ୧୦ଟି କିସମିସ୍ ଭିଜାଇ ରଖି ସକାଳୁ ଏହାକୁ ଖାଇବା ଆବଶ୍ୟକ । ଏଥିରେ ଅଳ୍ପ ମେଥିଦାନା ଭିଜାଇ ଖାଇଲେ ମଧ୍ୟ ସୁଫଳ ମିଳିଥାଏ । ଗୋଟେ ଗ୍ଲାସ ପାଣିରେ ୧୦ଟି କିସମିସକୁ ଗରମ କରି ପାଣିକୁ ଅଧା କରିଦେବା ଆବଶ୍ୟକ । ଏହାକୁ ଏକ କାଚପାତ୍ରରେ କାଢ଼ି ଗୁଡ଼ ମିଶାଇ ସେବନ କଲେ ମଧ୍ୟ ଚଳିବ । କିନ୍ତୁ ଏହାକୁ ଥରେ ନୁହେଁ ଦିନରେ ୨-୩ ଥର ଏପରି କରିବା ଆବଶ୍ୟକ ହୋଇଥାଏ ।

ଶୁଖିଲାପ୍ଲମ ଫଳ: ୨ଟି ଶୁଖିଲା ପ୍ଲମ୍ ଫଳ ସକାଳୁ ଖାଇବା ଦ୍ୱାରା ପେଟ ଜନିତ ନାନାଦି ସମସ୍ୟା ଦୂର ହୋଇଥାଏ । ଏଥିରେ ପ୍ରଚୁର ପରିମାଣର ଫାଇବର ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏହାକୁ ଖାଇବା ଦ୍ୱାରା ପେଟର ଭାରିପଣ ହ୍ରାସପାଏ ଓ ଦିନ ସାରା ଆରାମପ୍ରଦ ରହିଥାଏ । ଫଳରେ ଶରୀରରେ ପ୍ରଚୁର ପରିମାଣରେ ଶକ୍ତି କ୍ଷରଣ ହୋଇଥାଏ ।

ବିନା ଖର୍ଚ୍ଚରେ ଏମିତି ନଖକୁ କରିପାରିବେ ସୁନ୍ଦର

ନାରୀ ଓ ପୁରୁଷ ସଭିଏଁ ଚାହିଥାନ୍ତି ନଖକୁ ସୁନ୍ଦର ଆଉ ମଜବୁତ ରଖିବାକୁ। ଖାସ କରି ନାରୀ ମାନେ ନଖ ବଢ଼ିବା, ନଖ ମଜବୁତ ରହିବା, ନଖ ନ ମରିବା ପାଇଁ ବିଭିନ୍ନ ପ୍ରକାରର ପ୍ରକ୍ରିୟା କରିଥାନ୍ତି। ହେଲେ ଘରେ ରହି ଘରୋଇ ଜିନିଷ ବ୍ୟବହାର କରି ଏହି ସମସ୍ୟାର ଉପଚାର କରିପାରିବା। ସେଥିପାଇଁ ପ୍ରଥମେ ଅଧ କପ ପାଣିକୁ ଗରମ କରି ସେଥିରେ ଦୁଇ ଚାମଚ ସାମ୍ଭୋ, ଦୁଇ ବୁନ୍ଦା ଲେମ୍ବୁ ରସ, ଖାଇବା ଲୁଣ ଅଳ୍ପ ମାତ୍ରରେ ପକାଇ ସେଥିରେ ହାତକୁ ବୁଡ଼ାଇ ୫ ରୁ ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ରଖିବା। ପରେ ନଖକୁ ଭଲ ଭାବେ ମସାଜ କରି ହାତକୁ ଧୋଇଦେବେ। ଏହାଦ୍ୱାରା ହାତ ଓ ନଖ ସଫା ରହିଥାଏ। ପରେ ଗୋଟିଏ ଆତ ଫଳ ଭିତର ଧଳା ଅଂଶକୁ କାଢ଼ି ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ନଖରେ ସ୍କ୍ରବିଂ କରିବେ। ନଖକୁ ଭଲ ଭାବେ ଧୋଇ ଦେବେ। ପରେ ଦୁଇ ଚାମଚ କଞ୍ଚା କ୍ଷୀରରେ ନଖକୁ ମସାଜ କରିବେ।



ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୩ ଅପ୍ରେଲ ୨୦୨୧, ମଙ୍ଗଳବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

କନ୍ୟାରତ୍ନ ଅବହେଳିତ ନୁହେଁ....

ପ୍ରଧାନମନ୍ତ୍ରୀ ସ୍ଲୋଗାନ 'ବେଟି ବଚାଓ ବେଟି ପଢ଼ାଓ' କେବଳ ଏକ ସ୍ଲୋଗାନ ନୁହେଁ ସମୟୋଚିତ ହୋଇଛି । ଆମ ଦେଶରେ ଝିଅମାନଙ୍କ ପ୍ରତି ପିତାମାତା ଅବହେଳା ପ୍ରଦର୍ଶନ କରୁଥିବାରୁ ଏବଂ ସେମାନଙ୍କୁ ଲାଳନପାଳନ ଓ ଶିକ୍ଷା କ୍ଷେତ୍ରରେ ପୁଅମାନଙ୍କୁ ଯେତିକି ଅନୁକୂଳ ଯତ୍ନ ନିଅନ୍ତି ଝିଅମାନଙ୍କ ପ୍ରତି ସେତିକି ଯତ୍ନ ନିଆଯାଉ ନଥିବାରୁ ସେମାନଙ୍କର ବୌଦ୍ଧିକ ଓ ଶାରୀରିକ ବିକାଶରେ ବିଘ୍ନ ସୃଷ୍ଟି ହେଉଛି । ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ସଂଖ୍ୟା ହ୍ରାସ ପାଇଛି । ଏହା ଯେ ଭବିଷ୍ୟତରେ ଏକ ସାମାଜିକ ସମସ୍ୟାର କାରଣ ହେବ ଏ ନେଇ ପିତାମାତାମାନେ ବିବ୍ରତ ହେବା ଆବଶ୍ୟକ । ଦୁଇ ଦଶନ୍ଧିରୁ ଅଧିକ ହେଲା ଝିଅମାନଙ୍କ ଜନ୍ମ ହ୍ରାସ ପାଉଥିବାରୁ ସରକାର ପିତାମାତାଙ୍କୁ ଏ ବିଷୟରେ ସଚେତନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ପୁଅ ବା ଝିଅ ଜନ୍ମିବ ଏହା ଜନ୍ମ ପୂର୍ବରୁ ଜାଣିବା ପାଇଁ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାପାଇଁ ନିଷିଦ୍ଧ କାରଯାଇଛି । ତଥାପି ଲୁଚିଛପି ଗର୍ଭସ୍ଥ ଭ୍ରୁଣ ପୁଅ ନା ଝିଅ ହେବ ଏହି ପରୀକ୍ଷା କରିବା ଉଚିତ ନୁହେଁ । ଜନ୍ମହାର 'ଆମେ ଦୁଇ ଆମର ଦୁଇ' ମଧ୍ୟରେ ରହିବା ଯେପରି ରହେ ତାହା ନିଶ୍ଚିତ କରାଯାଉ । ଗରିବ ପରିବାରରେ ଝିଅ ଜନ୍ମ ଅବାଞ୍ଛିତ ମନେ ହେଉଥିବାରୁ ଏଇ ମାନସିକତା ପରିବର୍ତ୍ତନ ହେବା ଆବଶ୍ୟକ । କାରଣ ସମାଜରେ ଝିଅ ଓ ପୁଅ ପ୍ରତି ସମାନ ଶ୍ରଦ୍ଧା ରହିବା ଯେପରି ଲୋଡ଼ା, ସେମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ପିତାମାତା ସମାନ ଦୃଷ୍ଟିଦେବା ଉଚିତ । ଏଠାରେ କହି ରଖିବା ଉଚିତ ହେବ ଯେ ଓଡ଼ିଶାରେ ଝିଅମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ତିରିଶ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଗତ କେତେ ବର୍ଷ ଧରି ରହିଥିବାରୁ ଏହାର ଉତ୍ତମ ପ୍ରଭାବ ପଡୁଛି ସମାଜ ଉପରେ । କାରଣ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଝିଅମାନଙ୍କୁ ସ୍ଥାନ ମିଳିବା ସହଜ ହେଉଛି । ଏପରି କୌଣସି ବିଭାଗ ନାହିଁ ଯେଉଁଠାରେ ଝିଅମାନଙ୍କ ପ୍ରବେଶ ଗୁଣାତ୍ମକ ମାନକୁ ହ୍ରାସ କରିବ । ଫଳରେ ଝିଅମାନେ କେବଳ ଯେ ନର୍ସ, ଡାକ୍ତର, ଶିକ୍ଷୟତ୍ରୀ ଇତ୍ୟାଦି କ୍ଷେତ୍ର ପାଇଁ ଉପଯୁକ୍ତି ତାହା ନୁହେଁ, ସେମାନଙ୍କ ମଧ୍ୟରୁ ଅନେକ ପ୍ରତିରକ୍ଷା ବ୍ୟବସ୍ଥା, ମହାକାଶ ବିଜ୍ଞାନ, ଆଣବିକ ବିଜ୍ଞାନ, ବିମାନ ଚାଳକ ଓ ସେନାବାହିନୀର ତିନିକ୍ଷେତ୍ରରେ ଯୋଗ ଦେଇ ନିଜ ନିଜର ଦକ୍ଷତା ପ୍ରମାଣ କରିଛନ୍ତି । ଦୁଇଜଣ ଭାରତୀୟ ବଂଶୋଦ୍ଭବ ମହିଳା ଆମେରିକାରେ ମହାକାଶ ପରିକ୍ରମା କରି ଅସୀମ ଦକ୍ଷତା ଓ ସାହସୀକତାର ପ୍ରମାଣ ଦେଇଛନ୍ତି । ଭାରତ ମଧ୍ୟ ମଙ୍ଗଳ ଗ୍ରହକୁ ମହାକାଶ ଯାନ ପଠାଇବା ପାଇଁ ପ୍ରସ୍ତୁତି କରୁଛି । ଯୁଦ୍ଧ ବିମାନ, ଯାତ୍ରୀବିମାନ, ନୌସେନା ଓ ବାୟୁସେନା ବିଭାଗ, ରେଳଇଞ୍ଜିନ ଚାଳକ ଓ ପ୍ରଶାସନିକ କ୍ଷେତ୍ରରେ ମହିଳାମାନଙ୍କର ପ୍ରବେଶ ବଢୁଛି ଏବଂ ସେମାନେ ନିଜର ଦକ୍ଷତା ପ୍ରମାଣ କରିଛନ୍ତି । କିନ୍ତୁ ମହିଳାମାନଙ୍କୁ ଜନ୍ମ ସମୟରୁ ଅଧିକ ଯତ୍ନ ନେଲେ ସେମାନେ ଯେ ଶାରୀରିକ ଓ ବୌଦ୍ଧିକ କ୍ଷେତ୍ରରେ ପୁଅମାନଙ୍କଠାରୁ ସଂଖ୍ୟାରେ କମିଯିବେ ଏହା ଠିକ୍ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାନ ପକ୍ଷରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଭାରତର କନ୍ୟାମାନଙ୍କ ଶାରୀରିକ ଅବସ୍ଥା ଅସନ୍ତୋଷଜନକ । ଜନ୍ମଠାରୁ ପ୍ରଥମ ଛଅମାସ ମଧ୍ୟରେ ସର୍ବାଧିକ ଶିଶୁଙ୍କ ପୁଷ୍ଟିହୀନତା ଯୋଗୁଁ ମୃତ୍ୟୁ ହୋଇଥାଏ । ସେହିପରି ପାଞ୍ଚବର୍ଷ ମଧ୍ୟରେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଅଭାବରୁ ସେମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ଉପଯୁକ୍ତ ସ୍ତରକୁ ଆସୁନାହିଁ । ଏବେ ବି କେତେକ ପରିବାରରେ ଦୁଇରୁ ଅଧିକ ଶିଶୁ ଜନ୍ମ ହେଉଥିବାରୁ ଏଇ ସଂଖ୍ୟା ଯେପରି ନ ବଢ଼େ ସେଥିପ୍ରତି ପରିବାର, ସମାଜ ଓ ସରକାର ସଚେତନ ହେଲେ ଜନସଂଖ୍ୟା ବୃଦ୍ଧି ରୋକିବା ସମ୍ଭବ ହେବ ଏବଂ ଏହା ସହିତ ଶିଶୁମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ସମାଜ ଗଠନ ପାଇଁ ସହାୟକ ହେବ । ଓଡ଼ିଶା ପରି ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ସଂଖ୍ୟା ପ୍ରାୟ ଚାଳିଶି ପ୍ରତିଶତ । ସାମାଜିକ କ୍ଷେତ୍ରରେ ସେମାନେ ଯୋଗ୍ୟତା ପ୍ରମାଣ କରିବା ସମ୍ଭବ ହେଉ ନଥିବାରୁ ଆଦିବାସୀ ବହୁଳ ଜିଲ୍ଲାମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧି କ୍ଷେତ୍ରରେ ବିକାଶ ପ୍ରତି ଅଧିକ ଯତ୍ନ କରିବା ଆବଶ୍ୟକ । ଏହା କଲେ ଆଗାମୀ କୋଡ଼ିଏ ବର୍ଷରେ ଆଦିବାସୀ ଓ ଅନଗ୍ରସର ଲୋକଙ୍କ ବିକାଶ ସହିତ ଅନ୍ୟାନ୍ୟ ସବୁ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ବିକାଶ ଘଟିବ ।

ପରାଜୟ ...

ବୈଷ୍ଣବ ମେହେର

ଜାଣିନି ତୁମ ବିଡମ୍ବନା...
ମୋ ବିଡମ୍ବନାଠୁ କମ୍ ନା ଅଧିକ,
କିନ୍ତୁ...
ମୋ ଅଶ୍ରୁଧାର...
ବହି ଚାଲିଛି ଅନବରତ ।
ମାଗିଥିଲି ତୁମକୁ...
ତୁମ ସ୍ୱପ୍ନରୁ ଅଧା,
କଟାକ୍ଷରେ କହିଲ....
ବାମନ,ଚନ୍ଦ୍ରକୁ ହାତ ବଢାଅନା ।
ମୋ କଳ୍ପନା...
କଣ ଏତେ ସୀମିତ,
ତାକୁ ତୁମେ...
ଶାମୁକା ଖୋଲ ଭିତରେ...
ବନ୍ଦ କରିଦେବ ।
ଯେବେ...
ଜାଣିବ ନିରାଟ ସତ୍ୟ,
ଭୁଗର୍ଭୁ ଉଦ୍ଗିରଣ ହେବ...
ଲାଲ ଲାଲ ଆଗ୍ନେୟଗିରି,
ଭୁସ୍ଖଳନ ହେବ....
ଠିଆ ହେବାକୁ...
ପାଦ ତଳେ ନଥିବ ମାଟି ।
ମୋ କଥା ସବୁ...
ବୃଥା ଫାଙ୍କା ନୁହେଁ,
ଦିନେ ନା ଦିନେ...
ଅନୁଭବ କରିବ ତୁମେ ।
ତୁମ ପ୍ରତି ନାହିଁ ଈର୍ଷା,
ନା ପ୍ରତିଶୋଧର ବନ୍ହି...
ଦୁଇ ଦିନିଆ ଏ ଜୀବନ,
କାହିଁକି କରିବି...
ମୁଁ ବୃଥା ଅଭିମାନ ।
ତୁମେ ଯେବେ ଈର୍ଷା କର,
ଭାବେ...
ଯଶ ଖ୍ୟାତି ସ୍ୱଳ୍ପସ୍ଥାୟୀ,
ତୁମକୁ ଜିଣିବା ଆଶାରେ...
ପରାଜୟକୁ ଦିଏ ସ୍ୱୀକୃତି ।

+ଗଣ୍ଡାବାହାଲି, ନୂଆପଡା
ମୋ: ୬୨୬୪୩୦୫୦୦୩

ସୌମେନ୍ଦ୍ର ଜେନା

ବିଶ୍ୱବିଜୟୀ ଭାରତୀୟ

କଥାରେ କହନ୍ତି ଯାହା ନାହିଁ ଭାରତେ ତାହା ନାହିଁ ଜଗତେ । ଅର୍ଥାତ୍ ଭାରତରେ ଯାହା ନାହିଁ ଜଗତରେ ତାହା ନାହିଁ । ଏହାର ଅର୍ଥ ହେଲା ଭାରତର ଜଗତ ସହ ରହିଥିବା ପାରସ୍ପରିକ ପରିପୂରକ ସଂପର୍କ । ଭାରତରେ ଯେଉଁସବୁ ବିବିଧତା ଦୃଶ୍ୟମାନ ହୋଇଥାଏ ସେହିସବୁ ବିବିଧତାକୁ ନେଇ ଭାରତୀୟମାନେ ଜଗତକୁ ଅଧିକ ସୁନ୍ଦର ହେବାରେ କାରକ ହୋଇଥାନ୍ତି । ଏହି ବିବିଧତା ଜ୍ଞାନରୁ ବିଜ୍ଞାନ,ଅଧ୍ୟାତ୍ମରୁ ଅଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେଥିପାଇଁ ଭାରତର ଐତିହ୍ୟ, ପରମ୍ପରାକୁ ଯୁଗେ ଯୁଗେ ବିଦେଶୀ ପର୍ଯ୍ୟଟକ ଫାହିୟାନ, ମେଘାସ୍ଥିନିସ ଆଦି ପ୍ରଶଂସା କରିଛନ୍ତି ।

ସମୟକ୍ରମେ ବହିର୍ବାଣିଜ୍ୟ, କୃଷି, ଜ୍ଞାନ ବିଜ୍ଞାନ, ଆଧ୍ୟାତ୍ମିକ ଚିନ୍ତା ଓ ଚେତନାକୁ ଭାରତୀୟମାନେ ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ କରି ଅନ୍ୟମାନଙ୍କୁ ପ୍ରଭାବିତ କରିଆସିଛନ୍ତି । ଅତୀତରେ ସନାତନୀ ଚେତନା, ବୌଦ୍ଧଧର୍ମ ଯେପରି ଭାରତରୁ ବାହାରି ପୃଥିବୀକୁ ଆଲୋକିତ କରିଥିଲା ଠିକ୍ ସେହିପରି ଭାରତୀୟ ସଂସ୍କୃତି ଏସିଆ ମହାଦେଶର ବିଶାଳ ଭୂଖଣ୍ଡକୁ ଚେତନାଦୀପ୍ତ କରିଥିଲା । ସେଥିପାଇଁ ପୃଥିବୀର ଅନ୍ୟାନ୍ୟ ଧର୍ମରେ ଗୋଟିଏ ଗୋଟିଏ ଗ୍ରନ୍ଥ ଥିଲାବେଳେ ଭାରତର ସନାତନୀମାନଙ୍କର ଧାର୍ମିକ ଗ୍ରନ୍ଥର ଭଣ୍ଡାର ବିଶାଳ । ଏସିଆରୁ ଆଫ୍ରିକା, ଅଷ୍ଟ୍ରେଲିଆ, ଇଉରୋପ ଆଦି ମହାଦେଶରେ ଭାରତୀୟମାନେ ଅତୀତରୁ ଆଜିଯାଏ ନିଜସ୍ୱ ଦକ୍ଷତା ପ୍ରଦର୍ଶନ କରି ଅନ୍ୟମାନଙ୍କୁ ଚମତ୍କୃତ କରିଆସିଛନ୍ତି । ଋଷି କଣାଦଙ୍କ ପରମାଣୁତତ୍ତ୍ୱ, ବରାହ ମିହିରଙ୍କ ଗଣନା, ଆର୍ଯ୍ୟଭଟ୍ଟଙ୍କର ମହାକାଶ ତତ୍ତ୍ୱ ଆଦି ପୃଥିବୀର ଜନମାନସକୁ ହଜାର ହଜାର ବର୍ଷ ଧରି ପ୍ରଭାବିତ କରିଆସିଛି । ବିଶ୍ୱର ଜ୍ଞାନ ଭଣ୍ଡାରକୁ ସମୃଦ୍ଧ କରିବାରେ ଏମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି । ବୌଦ୍ଧ, ଜୈନ, ସନାତନୀ, ଶିଖ୍ ଆଦି ଧାର୍ମିକ ଚେତନା ଭାରତରୁ ବାହାରି ବିଶ୍ୱର କୋଣ ଅନୁକୋଣକୁ ବ୍ୟାପିଛି । ଅତୀତରେ ଧର୍ମପ୍ରସାରଣରେ ପଦ୍ମସମ୍ଭବ ଓ ନାଗାର୍ଜୁନ, ଶାସନର ବୃଦ୍ଧିରେ ରାଜେନ୍ଦ୍ର ଚୋଳ, ଶୈଳେନ୍ଦ୍ର ଆଦି ରାଜା ମହାରାଜାମାନେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷିତ କରାଇବାକୁ ସକ୍ଷମ ହୋଇଥିଲେ । ଭାରତୀୟ ମନିଷୀଙ୍କ ମନୀଷା ଯୋଗୁ ଜଗତର ଜ୍ଞାନଭଣ୍ଡାର ବେଶ୍ ପରିପୂର୍ଣ୍ଣ ହୋଇଥିଲା । ଶାସନଗତ ସୁବିଧା ପାଇଁ ଜନପଦଗୁଡିକର ପରିକଳ୍ପନା, ପେସାଦାର ଲୋକଙ୍କ ସୁବିଧାପାଇଁ ପାରମ୍ପାରିକ ପାରିବାରିକ ସ୍ତରରେ ଭିନ୍ନ ଭିନ୍ନ ପେସାଗତ ଶିକ୍ଷାର ବ୍ୟବସ୍ଥା ଆଦି କାର୍ଯ୍ୟକାରୀ କରିବାରେ ଭାରତ ହିଁ ଆଗୁଆ ରହିଥିଲା । ହଜାର ହଜାର ବର୍ଷ ଧରି ଭିନ୍ନ ଭିନ୍ନ ପେସାର ପରିବାର ଓ ସମାଜ ସୃଷ୍ଟିରେ ଭାରତ ଯେଉଁ ପରମ୍ପରା ସୃଷ୍ଟି କରିଥିଲା ତାହା ଆଜି ସମସ୍ତଙ୍କୁ ଚକିତ କରୁଛି । ଭାରତୀୟ ଲୋକେ ଇତିହାସର ବ୍ରୋଞ୍ଜ ଯୁଗରେ କେନ୍ଦ୍ର ଏସିଆର ଭିନ୍ନ ଭିନ୍ନ ଦେଶରେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିବାର ପ୍ରମାଣ ଏବେ ମିଳୁଛି । ସେହିପରି ଆଧୁନିକ କାଳରେ ଭୋଲଗା ନଦୀର ମୁହାଁଣରେ ଖ୍ରୀ ୧୬୧୦ ବେଳକୁ ଭାରତୀୟ ବେପାରୀମାନେ ବଣିଜ କରିବା ସହ ଅଷ୍ଟ୍ରାଖାନ, ମସ୍କୋ, ସେଣ୍ଟ ପିଟର୍ସବର୍ଗରେ ମଧ୍ୟ ନିଜର ସ୍ଥିତିକୁ ମଜଭୁତ କରିଥିଲେ । ସୁଲତାନ, ଶିକରପୁର, ପାରସ୍ୟର ସାଫାବିଡ, ହମାଦାନ, କେରମାନ ଆଦି ସ୍ଥାନରେ ଭାରତୀୟ ବେପାରୀମାନେ ଏକଦା ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ । ତେଣୁ ଇରାନରେ ଅଟୋମନ ଓ ଅଫଗାନ ଯୁଦ୍ଧ (୧୭୨୨-୨୭) କାଳରେ ବହୁସଂଖ୍ୟକ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା । ଭାରତୀୟ ବ୍ୟବସାୟୀମାନେ ଆର୍ମେନୀୟ, ଇହୁଦିମାନଙ୍କ ସହ ମିଳିମିଶି ରହୁଥିବା ବିଷୟ ନେଇ ଜିନ୍ ଗ୍ରର୍ଡନ, ଜିନ ଡେ ଥେଭେନଟ୍, ଆଡାମ ଓଲେରିୟସ, ଏଫ ଏ କୋଟୋଭ ପ୍ରମୁଖ ସେମାନଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି । ଜର୍ଜ ଫୋରେଷ୍ଟରଙ୍କ କହିବାନୁସାରେ ଖ୍ରୀ ୧୭୮୩ ବେଳକୁ ସମରକନ୍ଦ ଓ ବୁଖାରନ୍‌ର ବ୍ୟବସାୟୀମାନେ କାନ୍ଦାହାରର ଭାରତୀୟ ହିନ୍ଦୁ ବେପାରୀଙ୍କ ଠାରୁ ଅନେକ ବସ୍ତୁ କ୍ରୟ କରି ସେମାନଙ୍କ ଦେଶରେ ବିକ୍ରି କରୁଥିଲେ । ଖ୍ରୀ ୧୮୧୫ରେ ଏଲଫିନଷ୍ଟୋନ ଦେଖିଥିଲେ ଯେ ସବୁଠୁ ବଡ ଘରଗୁଡିକ ହିନ୍ଦୁ ବ୍ୟବସାୟୀମାନଙ୍କର ଥିଲା । ଆଫଗାନିସ୍ଥାନର କାନ୍ଦାହାରରେ ୩୫୦ରୁ ଅଧିକ ଦୋକାନ ହିନ୍ଦୁମାନଙ୍କର ମାଲିକାନାରେ ଥିବା ନେଇ ଲୁମ୍ବଡେନ୍ ଉଲ୍ଲେଖ କରିଛନ୍ତି । ମଧ୍ୟପ୍ରାଚ୍ୟକୁ ଅର୍ଥ, ମୂଲ୍ୟବାନ ଧାତୁ, କପଡା ଆଦି ଏମାନେ ଯୋଗାଉଥିଲେ । କାବୁଲ, ପେଶାୱାର, ବଲ୍‌ଖ ଆଦି ସ୍ଥାନରେ ବସବାସ କରୁଥିବା ହିନ୍ଦୁ ବ୍ୟବସାୟୀମାନେ କେନ୍ଦ୍ର ଏସିଆର ରାଷ୍ଟ୍ରଗୁଡିକ ସହ ବାଣିଜ୍ୟ କରୁଥିଲେ । ଚୀନର ଜିନ୍‌ଜିୟାଙ୍ଗ ପ୍ରଦେଶରେ ହିନ୍ଦୁ ବ୍ୟବସାୟୀମାନଙ୍କୁ ଉଇଘୁର ମୁସଲିମମାନେ ଟାର୍ଗେଟ କରି ହତ୍ୟା କରୁଥିବା ନେଇ ବ୍ରିଟେନ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲା । କାଶ୍ମୀରର ସାମ୍ବା ବଜାରରେ ଦୁଇଜଣ ହିନ୍ଦୁ ବ୍ୟବସାୟୀଙ୍କୁ ଅତି ନୃଶଂଶ ଭାବେ ଉଇଘୁର ଲୋକେ ହତ୍ୟା କରିଥିଲେ । ହିନ୍ଦୁ ବ୍ୟବସାୟୀମାନଙ୍କୁ କାସଗରୀ ଗୋଷ୍ଠୀ ଟାର୍ଗେଟ କରି ହତ୍ୟା କରୁଥିଲେ । ୨୩ମାର୍ଚ୍ଚ ୧୯୩୩ରେ ପୋସଗାମ ଏବଂ ବାରଘାଲିକଠାରେ ସମାନ ଢଙ୍ଗରେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା । ବୁଘରା ଅମିରଙ୍କ ଦ୍ୱାରା ଖୋତାନଠାରେ ହିନ୍ଦୁ ବ୍ୟବସାୟୀ ହତ୍ୟାର ଶିକାର ହୋଇଥିଲେ । ୨୪ମାର୍ଚ୍ଚ ୧୯୩୩ରେ ବାର୍ଘାଲିକ ଏବଂ କେରିୟାଠାରେ ଗ୍ରୟ ସାହେବ ଦୀପଗ୍ରନ୍ଦଙ୍କ ସମେତ ନଅ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିଲା । ୧ମ ଶତାବ୍ଦୀରେ ଚୀନ ୟୁନାନ୍ ପ୍ରଦେଶ ହାନ୍ ରାଜାଙ୍କ ଶାସନ କାଳରେ ଦେଶରେ ମିଶ୍ରଣ ହେବା ବେଳେ ସୋନଡୁ ନାମକ ଭାରତୀୟ ଗୋଷ୍ଠୀ ଚୀନରେ ଥିବାର ଉଲ୍ଲେଖ ମିଳିଥାଏ ।

ଇଂରେଜମାନଙ୍କ ଶାସନ କାଳରେ ପୂର୍ବ ଉତ୍ତର ପ୍ରଦେଶ ଓ ବିହାରର ଭୋଜପୁରୀ ଏବଂ ଅବଧ୍ କହୁଥିବା ଶ୍ରମିକମାନେ ଅନ୍ୟ ଦେଶକୁ ଚୁକ୍ତିକାର୍ଯ୍ୟ କରିବାକୁ ଯାଇଥିଲେ । ଉନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଏହି ଗିରିମିଟିଆ ଶ୍ରମିକମାନେ ମରିସସ,ଗୁଏନା,ତ୍ରିନିଦାଦ ଓ ଟୋବାଗୋ, ସୁରିନାମ, ଜାମାଇକା, ଗୁଆଡେଲୋପ, ମାର୍ଟିନିକ, ବେଲିଜେ, ଗ୍ରେନେଡାଇନ୍, ସେଣ୍ଟ ଲୁସିଆ, ଫିଜି, ରିୟୁନିଅନ, ସେଚେଲେସ, ମାଲେସିଆ, ସିଙ୍ଗାପୁର, କେନିଆ, ସୋମାଲିଆ, ତାଞ୍ଜାନିଆ, ଉଗାଣ୍ଡା, ଦକ୍ଷିଣ ଆଫ୍ରିକା ଆଦି ଦେଶଗୁଡିକୁ ଯାଇଥିଲେ । ସେହିପରି ଗୁଜରାଟୀ ଏବଂ ସିନ୍ଧି ବ୍ୟବସାୟୀମାନେ ଆରବର ଏଡେନ, ଓମାନ, ବାହାରିନ,ଦୁବାଇ, ଦକ୍ଷିଣ ଆଫ୍ରିକାରେ ବସବାସ କରି ବାଣିଜ୍ୟ କାରବାରରେ ସାମିଲ ହୋଇଥିଲେ । ଭାରତର ସ୍ୱାଧୀନତା ପରେ ଭାଷାଗତ ସୁବିଧା ଦୃଷ୍ଟିରୁ ଅଧିକ ଭାରତୀୟ ଶିକ୍ଷାପରେ ସାଉଦି ଆରବ, ଏମିରେଟ, ଆମେରିକା, ପୂର୍ବଏସିଆ, ଜାପାନ, ଇଉରୋପର ଦେଶ ସମୂହରେ କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କଲେ । ଏବେ ବିଦେଶରେ ରହୁଥିବା ମୋଟ ଭାରତବଂଶୀ ଲୋକଙ୍କ ମଧ୍ୟରୁ ପ୍ରାୟ ୭୦ପ୍ରତିଶତ କେବଳ ୬ଟି ଆରବ ରାଷ୍ଟ୍ର ସାଉଦି ଆରବ, ଏମିରେଟ, କୁଏତ, ଓମାନ କାତାର ଓ ବାହାରିନ ଠାରେ କାର୍ଯ୍ୟରତ । ଏହାଛଡା ପ୍ରାୟ ୨୦୦ଟି ଦେଶରେ ଭାରତବଂଶୀ ଲୋକେ ବସବାସ କରୁଥିବା ତଥ୍ୟରୁ ଜଣାପଡେ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ତଥ୍ୟାନୁଯାୟୀ ଭାରତ ବାହାରେ ଥିବା ଭାରତୀୟମାନେ ୨୦୧୮-୧୯ରେ ୭୬.୪ ବିଲିଅନ ଡଲାର, ୨୦୧୯-୨୦ରେ (ଏପ୍ରିଲ -ସେପ୍ଟେମ୍ବର) ପ୍ରାୟ ୪୧.୯ ବିଲିଅନ ଡଲାର ଅର୍ଥ ଭାରତକୁ ପଠାଇଥିଲେ । ଜନସଂଖ୍ୟା ଦୃଷ୍ଟିରୁ ଭାରତୀୟଙ୍କ ପ୍ରମୁଖ ପସନ୍ଦଯୋଗ୍ୟ ରାଷ୍ଟ୍ରଗୁଡିକ ହେଲା ଏମିରେଟ, ସାଉଦି ଆରବ, ଆମେରିକା, କୁଏତ, ଓମାନ, କାତାର,ନେପାଳ, ବ୍ରିଟେନ, ସିଙ୍ଗାପୁର, ବାହାରିନ । ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତବଂଶୀମାନଙ୍କ ଉପରେ ଦୃଷ୍ଟିରଖି ୨୦୦୩ ଜାନୁଆରୀ ୯ ତାରିଖରେ ପ୍ରବାସୀ ଭାରତୀୟ ଦିବସ ପାଳନର ଶୁଭାରମ୍ଭ କରିଥିଲେ । ସେବେଠାରୁ ଏହି ଦିବସଟି ଆଜିଯାଏ ପାଳିତ ହୋଇଆସୁଛି । ସଫଳ ଭାରତବଂଶୀଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଉଛି ।

ଭାରତ ବାହାରେ ଥିବା ଭାରତୀୟମାନେ ବାସ କରୁଥିବା ରାଷ୍ଟ୍ରଗୁଡିକରେ ଭାରତର ସିନେମା, ଭାଷା, ସଂସ୍କୃତିର ବାର୍ତ୍ତାବହ ଭାବେ କାର୍ଯ୍ୟ କରିଛନ୍ତି । ଅଷ୍ଟ୍ରେଲିଆରେ ଭାରତୀୟମାନେ ହେଉଛନ୍ତି ସବୁଠୁ ଅଧିକ ଶିକ୍ଷିତ ପ୍ରବାସୀ ଗୋଷ୍ଠୀ । ଏମାନଙ୍କ ମଧ୍ୟରେ ୫୪.୬ ପ୍ରତିଶତ ସ୍ନାତକ ଡିଗ୍ରୀଧାରୀ ରହିଛନ୍ତି । ସେମିତି ବ୍ରିଟେନରେ ଥିବା ଭାରତବଂଶୀ ଲୋକେ ଅଧିକ ପେସାଦାର ଏବଂ ସଫଳ ମ୍ୟାନେଜର ଗୋଷ୍ଠୀ ଭାବେ ପରିଚିତ । କାନାଡାର କୃଷି, ଶିଳ୍ପ, ରାଜନୀତି କ୍ଷେତ୍ରରେ ଭାରତବଂଶୀ ଲୋକେ ଅଧିକ ସକ୍ରୀୟ । ନିଉଜିଲାଣ୍ଡରେ ଭାରତବଂଶୀ ଲୋକେ ଏସୀୟ ଲୋକଙ୍କ ମଧ୍ୟରେ ଦ୍ୱିତୀୟ ବୃହତ୍ ଗୋଷ୍ଠୀ । ନିଉଜିଲାଣ୍ଡରେ ଫିଜି ହିନ୍ଦୀ ହେଉଛି ୪ର୍ଥ ବଡ ଭାଷା । ଯୁକ୍ତରାଷ୍ଟ୍ର ଆମେରିକାରେ ଚୀନା ଏବଂ ଫିଲିପାଇନ୍ସ ଲୋକଙ୍କ ପରେ ଭାରତବଂଶୀ ଲୋକେ ତୃତୀୟ ବଡ ଗୋଷ୍ଠୀ । ଏମାନେ ଅନ୍ୟ ଗୋଷ୍ଠୀଗୁଡିକ ତୁଳନାରେ ଅଧିକ ଶିକ୍ଷିତ ଓ ରୋଜଗାରକ୍ଷମ । ଆମେରିକାରେ ପ୍ରବାସୀ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏଚ-୧ ଭିସାର ୮୦ ପ୍ରତିଶତ କେବଳ ଭାରତୀୟ ଛାତ୍ରଛାତ୍ରୀ ପାଇଥାନ୍ତି । ଭାରତର ବାଣିଜ୍ୟିକ ପରିଚାଳନା ଶିକ୍ଷାନୁଷ୍ଠାନରୁ ବାହାରୁଥିବା ୨୩ ପ୍ରତିଶତ ଛାତ୍ରଛାତ୍ରୀ ଆମେରିକାରେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ହେଉଛନ୍ତି ।

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩



ମାୟାଧର ନାୟକ

ଓଡ଼ିଶା: ଦାରୁ ଦେବତାଙ୍କ ଭୂଇଁ

ଓଡିଶା ସେଇ ମାଟି, ଯେଉଁଠି ମଣିଷ ଦାରୁକୁ ଦେବତା ମାନେ । ଏହା ଏକ ଆଦିବାସୀ ବିଶ୍ୱାସବୋଧର ଅବଦାନ ଏ ମାଟିର ଐତିହ୍ୟକୁ । କାରଣ ଶବରରାଜା ବିଶ୍ୱାବସ

ଧ୍ୱନି ପ୍ରତିଧ୍ୱନି
୫
ବାଲେଶ୍ୱର,
ମଙ୍ଗଳବାର, ୧୩ ଅପ୍ରେଲ, ୨୦୨୧

ଋତୁଭିତ୍ତିକ ଫଳ ମଧ୍ୟରେ ଏହି ଫଳ ଶ୍ରେଷ୍ଠ : ଦୌନିକ ଖାଆନ୍ତୁ ଓ ସୁଫଳ ପାଆନ୍ତୁ

ଆପଣ ଜାଣନ୍ତି ଯେ ଫଳଠାରୁ ଭଲ ଆହାର ଆଉ କିଛି ଥାଇନପାରେ। ସବୁ ଫଳର କିଛି ନା କିଛି ସ୍ୱତନ୍ତ୍ରତା ରହିଛି। ଋତୁଭିତ୍ତିକ ଫଳ ମଧ୍ୟରେ ଆମ୍ବ ଅନ୍ୟତମ। ଖରାଦିନେ ଆମ୍ବଠାରୁ ଭଲ ଫଳ ଆଉ କିଛି ହୋଇନପାରେ। କେହି କେହି ପାଚିଲା ଆମ୍ବ ଖାଇବାକୁ ପସନ୍ଦ କରନ୍ତି ତ ପୁଣି କେହି ତାହାକୁ ଜୁସ୍ କରି ପିଇବାକୁ ଭଲପାଆନ୍ତି। ଆମ୍ବ ଜେଲି, ଆମ୍ବସଢ଼ା ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ରହିଛି ଆମ୍ବକୁ ନେଇ। ଆମ୍ବରେ ଅନେକ ଭଲ ଗୁଣ ରହିଛି। ଆମ୍ବ ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ପାଇଥାଏ। କମ୍ ବ୍ୟବଧାନରେ ଭୋକ ଲାଗିଥାଏ। ଭୋକ ଠିକ୍ ସମୟରେ ଲାଗୁଥିବା ଲୋକ ସାଧାରଣତଃ ନିରୋଗୀ। ଆମ୍ବ ଆଖି ପାଇଁ ଖୁବ୍ ଭଲ୍ ହୋଇଥାଏ। କେବଳ ସେତିକି ନୁହେଁ, ଆମ୍ବ ଖାଇବା ଦ୍ୱାରା କୋଲେଷ୍ଟ୍ରଲ୍ ସ୍ତର କମ୍ ହେବା ସହ ତ୍ୱଚା ଚିକ୍କଣ ରହିଥାଏ। ଅଧିକାଂଶ ମଧୁମେହ ରୋଗୀ ଭାବିଥାନ୍ତି ଆମ୍ବ ରକ୍ତରେ ଶର୍କରା ଭାଗକୁ ବଢ଼ାଇ ଥାଏ। ମାତ୍ର ତାହା ଭୁଲ୍ ଧାରଣା। ମଧୁମେହ ରୋଗୀମାନେ ବି ଆମ୍ବ ଖାଇପାରିବେ, କିନ୍ତୁ ଏଥିଲାଗି ଡାକ୍ତରଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ। ପ୍ରଚୁର ଆମ୍ବ ଖାଉଥିବା ବ୍ୟକ୍ତିଙ୍କ ଭିତରେ କର୍କଟ ହେବାର ସମ୍ଭାବନା ଖୁବ୍ କମ୍ ଥାଏ। ଏହା ତ୍ୱଚା ଭଲ ରଖିବା ସହ କେଶ ପାଇଁ ବି ଖୁବ୍ ଭଲ ହୋଇଥାଏ। ଆପଣ ଯଦି ଉତ୍ତମ କେଶ ଓ ତ୍ୱଚା ଚାହାନ୍ତି ତେବେ ପ୍ରଚୁର ଆମ୍ବ ଖାଆନ୍ତୁ।

କାଶ, ଜ୍ୱର ନଥିଲେ ବି ସାବଧାନ... ଜାଣନ୍ତୁ କରୋନାର ନୂଆ ଲକ୍ଷଣ

ଦେଶରେ ଏବେ ପ୍ରତିଦିନ ଏକ ଲକ୍ଷରୁ ଅଧିକ କରୋନାର ନୂଆ ମାମଲା ସାମ୍ନାକୁ ଆସୁଛି। କାଶ, ଜ୍ୱର, ସ୍ୱାଦ ଏବଂ ଘ୍ରାଣ ଶକ୍ତି ହରାଇବା ଏହି ମାରାତ୍ମକ ମହାମାରୀର ସାଧାରଣ ଲକ୍ଷଣ ଥିଲା। ଏବେ କିନ୍ତୁ ଏସବୁ ଲକ୍ଷଣ ନଥାଇ ବି ଲୋକେ କରୋନାରେ ଆକ୍ରାନ୍ତ ହେଉଛନ୍ତି। କରୋନାର ନୂଆ ଷ୍ଟ୍ରେନ ତା'ର ଏବେ ନୂଆ ଲକ୍ଷଣ ଦେଖାଉଛି। ସାମ୍ନାକୁ ଆସିଛି ଏହି କିଲର ଭାଇରସର ନୂଆ ରୂପ, ଯାହା ପୂର୍ବ ଲକ୍ଷଣଠାରୁ ପୂରାପୁରି ଭିନ୍ନ।

ନିକଟରେ ହୋଇଥିବା ଏକ ଅଧ୍ୟୟନ ମୁତାବକ, ଏବେ କରୋନାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ଆଖି ନାଲି ପଡିବା ସହ ଫୁଲି ଯାଉଛି। ଏଥିସହ ଆଖିରୁ ଲଗାତର ପାଣି ବାହାରିବା ଭଳି ସମସ୍ୟା ଦେଖାଦେଉଛି। ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଅଡିଓଲୋଜିରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, କୋଭିଡ-୧୯ ର ନୂଆ ଷ୍ଟ୍ରେନ୍ କାନ ସମସ୍ୟା ସୃଷ୍ଟି କରୁଛି। ଅଧ୍ୟୟନରେ ପ୍ରାୟ ୫୬ ପ୍ରତିଶତ ଲୋକଙ୍କ ମଧ୍ୟରେ ଏହି ସମସ୍ୟା ପରିଲକ୍ଷିତ ହୋଇଛି। ଯଦି ଆପଣ ମଧ୍ୟ ଏପରି କୌଣସି ସମସ୍ୟା ଅନୁଭବ କରୁଛନ୍ତି ତେବେ ଏହା କରୋନା ଜୀବାଣୁର ଏକ ନୂଆ ସଙ୍କେତ ହୋଇପାରେ।

କେବଳ ସେତିକି ନୁହେଁ ପେଟ ଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୋଇପାରେ। କରୋନର ଏହି ନୂଆ ଷ୍ଟ୍ରେନରେ ପାକସ୍ଥଳି ସହ ଜଡିତ ସମସ୍ୟା ମଧ୍ୟ ଉତ୍ପନ୍ନ ହେଉଥିବା ଅନୁସନ୍ଧାନକାରୀମାନେ ଦାବି କରିଛନ୍ତି। ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ କେବଳ ଶ୍ୱାସକ୍ରିୟା ଜନିତ ସମସ୍ୟା ରହୁଥିଲା, କିନ୍ତୁ ଏବେ ପେଟ ଜନିତ ସମସ୍ୟା ମଧ୍ୟ ସାମ୍ନାକୁ ଆସୁଛି। ଏହି ଷ୍ଟ୍ରେନ୍‌ରେ ସଂକ୍ରମିତ ବ୍ୟକ୍ତି ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ଏବଂ ହଜମ ପ୍ରକ୍ରିୟାରେ ଅସୁବିଧା ଅନୁଭବ କରୁଛନ୍ତି।

କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ଠାରେ ନ୍ୟୁରୋଲଜିକାଲ ଡିସଅର୍ଡର ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି। medRxivର ଏକ ରିପୋର୍ଟ ମୁତାବକ, ଦୀର୍ଘ ସମୟ ଧରି କରୋନାରେ ଆକ୍ରାନ୍ତ ହୋଇ ରହିଥିବା ରୋଗୀଙ୍କ ଠାରେ ମାନସିକ ବିକୃତ ସମସ୍ୟା ମଧ୍ୟ ଉତ୍ପନ୍ନ ହେଉଥିବା ଦାବି କରାଯାଇଛି। ଔଇଗଇରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ନୂଆ ଷ୍ଟ୍ରେନରେ ଆକ୍ରାନ୍ତ ହେବା ପରେ ରୋଗୀଙ୍କ ହାର୍ଟ ବିଟ୍ ବଢ଼ି ଯାଉଥିବା କୁହାଯାଉଛି।

୫ବର୍ଷର ଶିଶୁ ୧୦୫ ମିନିଟରେ ୩୬ଟି ପୁସ୍ତକ ପଢ଼ି କଲା ରେକର୍ଡ

ଆଜିକାଲିର ଶିଶୁ ପାଠପଢ଼ିବା ସହିତ ନୃତ୍ୟ କରିବା, ଗୀତା ଗାଇବା, ଖେଳିବା ଆଦି ସବୁଥିରେ ସେମାନେ ଧୁରନ୍ଧର। ନିକଟରେ ଜଣେ ୫ବର୍ଷର ଶିଶୁ ୧୦୫ମିନିଟରେ ୩୬ଟି ପୁସ୍ତକ ପଢ଼ି କମାଲ ଦେଖାଇଛି। ତାର ନାମ ଦୁଇ-ଦୁଇଟି ୱାଲର୍ଡ ରେକର୍ଡରେ ସାମିଲ ହୋଇଛି। ଉକ୍ତ ଶିଶୁଟିର ନାମ କିୟାରା କେର। କିୟାର ଭାରତୀୟ-ଆମେରିକୀୟ। ସେ ନିକଟରେ ୧୦୫ ମିନିଟରେ ୩୬ଟି ପୁସ୍ତକ ପଢ଼ି ଚର୍ଚ୍ଚାରେ ରହିଛି। ଏଥିସହିତ ଲଣ୍ଡନ ୱାଲର୍ଡ ବୁକ ଅଫ ରେକର୍ଡସ ଓ ଏସିୟା ବୁକ ଅଫ ରେକର୍ଡସରେ ତାର ନାମ ସାମିଲ ହୋଇଛି। କିୟାରଙ୍କ ବୟସ ମାତ୍ର ୫ବର୍ଷ ହେବ। ଫେବୁଆରି ୧୩ ତାରିଖରେ ସେ ଗୋଟିଏ ପରେ ଗୋଟିଏ ଏପରି ୩୬ଟି ପୁସ୍ତକ ପଢ଼ି ଦେଇଥିଲା। ଆଉ ଏହି ପୁସ୍ତକ ପଢ଼ିବାକୁ ତାକୁ ୧୦୫ ମିନିଟିର ସମୟ ଲାଗିଥିଲା। ଏସିଆ ବୁକ ଅଫ ରେକଡର୍ସରେ ଏଯାବତ ସେମାନଙ୍କ ନଜରରେ ଏମିତି କୌଣସି ଶିଶୁର ନାମ ସାମ୍ନାକୁ ଆସି ନଥିଲା। ଯିଏକି ଏତେ କମ ସମୟରେ ୩୦ରୁ ଉର୍ଧ୍ୱ ପୁସ୍ତକ ପଢ଼ି ପାରିବ। ଯେଉଁ କାରଣ ପାଇଁ କିୟାରା ରେକର୍ଡ ସୃଷ୍ଟି କରିଛି।

ମକର ସଂକ୍ରାନ୍ତି ରେସିପି- ବାଦାମ ଚିକ୍କି

ମକର ସଂକ୍ରାନ୍ତି ଅବସରରେ ଘରେ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ରୋଷେଇ ହୁଏ । ବିଶେଷ କରି ମିଠା ଜାତୀୟ ଖାଦ୍ୟ ନିଶ୍ଚିତ ରୂପେ ଘରେ ତିଆରି କରାଯାଏ । ତେବେ ଏହି ଦିନ ଘରେ ଆପଣ ଚାହିଁଲେ ବାଦାମ ଚିକ୍କି ତିଆରି କରିପାରିବେ। ଶୀତ ଦିନ ଶରୀରରକୁ ଏହା ଗରମ ରଖିବା ସହ ଶକ୍ତି ପ୍ରଦାନ କରିଥାଏ। ତେବେ ଏହି ବାଦାମ ଚିକ୍କି କିଳଭି ତିଆରି କରାଯାଏ ଆସନ୍ତୁ ଜାଣିବା।

ସାମଗ୍ରୀ: ୨କପ୍ ଚିନା ବାଦାମ, ଦେଢ଼ କପ୍ ଗୁଡ, ୧/୨ କପ୍ ଘିଅ ଏବଂ ଅଳ୍ପ ପାଣି ।

ପ୍ରସ୍ତୁତି ପ୍ରଣାଳୀ: ଏକ ବଡ ପାତ୍ରରେ ପ୍ରଥମେ ଘିଅ ପକାନ୍ତୁ । ଏହାପରେ ସେଥିରେ ଗୁଡ ଏବଂ ପାଣି ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାପରେ ସେଥିରେ ଭଜା ଚିନାବାଦାମ ପକାଇ ମିଶାନ୍ତୁ। ଗୁଡ ଏବଂ ଚିନା ବାଦାମର ମିଶ୍ରଣ ଆଉ ଏକ ପାତ୍ର କିମ୍ବା ଥାଳିକୁ ବାହାର କରି ଆପଣ ଯେଉଁ ଆକାରରେ ଖାଇବାକୁ ଚାହିଁବେ ସେହି ଆକାର ଦିଅନ୍ତୁ । ଥଣ୍ଡା ହେବା ପରେ ବାଦାମ ଚିକ୍କି ପରଷନ୍ତୁ।

ଡିପ୍ରେସନ ଦୂର କରିବ କଫି

ସକାଳୁ ସକାଳୁ କପେ ଗରମାଗରମ ଚା କିମ୍ବା କଫି ପିଇଗଲେ ପୂରା ଦିନଟା ଫ୍ରେଶ,ଫ୍ରେଶ ଲାଗେ। କିନ୍ତୁ ଅଧିକ କଫି ପିଇବା ଶରୀର ପାଇଁ କ୍ଷତିକାରର ବୋଲି ଲୋକଙ୍କ ମନରେ ଧାରଣା ରହିଛି। କିନ୍ତୁ ଆଜି ଏପରି ଭ୍ରାନ୍ତ ଧାରଣା ମନରୁ ଦୂର କରି ଜାଣିବା କଫିରୁ ଶରୀରକୁ ମିଳିବାକୁ ଥିବା ଫାଇଦା ବିଷୟରେ ।

♦ସକାଳେ କଫି ପିଇବା ଦ୍ୱାରା କେବଳ ଯେ ଫ୍ରେଶ ଲାଗେ ତାହା ନୁହେଁ, ଏହାଦ୍ୱାରା ଡିମେନଶିଆରୁ ମଧ୍ୟ ବହୁ ମାତ୍ରାରେ ମୁକ୍ତି ମିଳିଥାଏ। ରିସର୍ଚ୍ଚ ମୁତାବକ, କଫିରେ ଥିବା ମସ୍ତିଷ୍କରେ ମହଜୁଦ ଥିବା ଏଞ୍ଜାଇମ୍ବକୁ କେଫିନରୁ ଶକ୍ତି ମିଳିଥାଏ ଏବଂ ଏହା ସ୍ନାୟୁକୋଷକୁ ରକ୍ଷା କରିଥାଏ।

♦ଡିପ୍ରେସନ ଦୂର କରିଥାଏ କଫି। ଏଥିସହ ରେଗୁଲାଗ କଫି ସେବନ କରୁଥିବା ଲୋକଙ୍କର ସୁଇସାଇଡ କରିବା ରିସ୍କ ମଧ୍ୟ କମିଥାଏ। ହାବର୍ଡ ସ୍କୁଲ ଅଫ୍ ପବ୍ଲିକ ହେଲଥ ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଯେଉଁ ମହିଳା ଦିନକୁ ୪ କପ୍ କିମ୍ବା ତା'ଠୁ ଅଧିକ କଫି ପିଅନ୍ତି ସେମାନେ ଡିପ୍ରେସନର ଶିକାର କମ୍ ହୁଅନ୍ତୁ। ଅର୍ଥାତ ଡିପ୍ରେସନର ଶିକାର ହେବା ଆଶଙ୍କା ଆହୁରି ୨୦ ପ୍ରତିଶତ କମିଯାଏ।

♦ଏକ କପ୍ କଫିରେ ୧.୮ ଗ୍ରାମ ଫାଇବର ଥାଏ। ଦିନ ସାରା ୨୦ରୁ ୩୮ ଗ୍ରାମ ଫାଇବର ଗ୍ରହଣ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ତେଣୁ କଫି ସେବନ କରୁଥିବା ଲୋକ ଏହାଦ୍ୱାରା ନିୟମିତ ଭାବେକିଛି ଫାଇବର ପାଇପାରିଥାନ୍ତି।

♦୨୦୧୫ରେ ହୋଇଥିବା ଏକ ରିସର୍ଚ୍ଚ ମୁତାବକ ଦିନ ସାରା ୪ କପ୍‌ରୁ ଅଧିକ କଫି ପିଇବା ଦ୍ୱାରା ବହୁ ଗମ୍ଭୀର ବେମାରରୁ ରକ୍ଷା ମିଳିପାରିବ। ରୋଗ ବଢ଼ିବାର କାରଣ ସାଜୁଥିବା ନ୍ୟୁରଲ ଇଂଫ୍ଲେମେଶନକୁ ରୋକିଥାଏ କଫି।

♦କେଫିନ୍‌ରେ ଥିବା ତତ୍ତ୍ୱ ଶରୀରରେ ଚର୍ବି କମାଇଥାଏ। ବହୁ ରିସର୍ଚ୍ଚରୁ ସାବ୍ୟସ୍ତ ହୋଇସାରିଛି କି କେଫିନ୍ ଶରୀରରେ ୩ରୁ ୧୧ ପ୍ରତିଶତ ପର୍ଯ୍ୟନ୍ତ ମେଟାବାଲିକ ରେଟ୍‌କୁ ବୃଦ୍ଧି କରିଥାଏ।

♦ଅନ୍ୟ ଏକ ରିସର୍ଚ୍ଚରୁ ଜଣାପଡ଼ିଛି, କେଫିନ୍ ଦ୍ୱାରା ମୋଟା ଲୋକଙ୍କ ଶରୀରରେ ୧୦ ପ୍ରତିଶତ ଓ ଦୁର୍ବଳ ଲୋକଙ୍କ ଶରୀରରେ ୨୯ ପ୍ରତିଶତ ଫ୍ୟାଟ୍ ବର୍ଣ୍ଣ ହୋଇଥାଏ।

ଦାନ ପୂର୍ବରୁ ୯ଟି କଥା

ସବୁ ଧର୍ମରେ ଦାନ ମହତ୍ତ୍ୱ ରହିଛି। କିନ୍ତୁ ଦାନ କାହାକୁ ଦିଆଯାଏ ଓ କେମିତି ଦିଆଯିବା ଉଚିତ, ତାହା କମ୍ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। କିଛିଟା ଏପରି ନିୟମ ଅଛି ଯାହା ଉପରେ ଧ୍ୟାନ ଦେବା ଉଚିତ।

୧. ବ୍ୟକ୍ତି କଷ୍ଟ କରି ଅର୍ଜନ କରିଥିବା ଧନର ୧୦ଭାଗ ଈଶ୍ୱରଙ୍କ ନିକଟରେ ଲଗାଇବା ଦରକାର। ଯେଉଁ ବ୍ୟକ୍ତି ନିଜର ସ୍ତ୍ରୀ, ପୁତ୍ର ଏବଂ ପରିବାରକୁ ଦୁଃଖରେ ରଖି ଦାନ କରେ, ସିଏ ଜୀବିତ ଥିବା ସମୟରେ ଓ ମୃତ୍ୟୁ ପରେ ବି ଦୁଃଖପାଏ।

୨. ସ୍ୱୟଂ ଯାଇ ଦେଇଥିବା ଦାନର ଉତ୍ତମ ଫଳ ଏବଂ ଘରକୁ ଡାକି ଦିଆଯାଇଥିବା ଦାନର ମଧ୍ୟମ ଫଳପ୍ରଦ ହୋଇଥାଏ। ଗୋ, ବ୍ରାହ୍ମଣ ତଥା ରୋଗୀଙ୍କୁ ଯେତେବେଳେ କିଛି ଦିଆଯାଇଥାଏ ସେହି ସମୟରେ ଯେଉଁ ବ୍ୟକ୍ତି ନଦେବାର ପରାମର୍ଶ ଦେଇଥାଏ ସେ ଦୁଃଖ ଭୋଗିଥାଏ।

୩. ତେଲ, ଘାସ, ଜଳ ଓ ଚାଉଳକୁ ହାତରେ ଦେଇ ଦାନ ଦେବା ଆବଶ୍ୟକ ଅନ୍ୟଥା ସେହି ଦାନ ଉପରେ ଦୈତ୍ୟ ଅଧିକାର କରି ନେଇଥାଏ। ଦେବତାଙ୍କୁ ଚାଉଳ ସହିତ ଅନ୍ୟ କିଛି ଦାନ କରନ୍ତୁ।

୪. ଦାନ କରୁଥିବା ବ୍ୟକ୍ତି ପୂର୍ବାଭିମୁଖୀ ହୋଇ ଦାନ କରିବା ଉଚିତ ଓ ଏହା ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ତରାଭିମୁଖୀ ହୋଇ ଗ୍ରହଣ କରିବେ। ଏହା କରିବା ଦ୍ୱାରା ଦାନ ଦେଉଥିବା ବ୍ୟକ୍ତି ଆୟୁଷ ବଢ଼ିଥାଏ ଓ ନେଉଥିବା ବ୍ୟକ୍ତିଙ୍କର ମଧ୍ୟ ଆୟୁ କମ୍ ହୋଇନଥାଏ।

୫. ଅନ୍ନ, ଜଳ, ଘୋଡ଼ା, ଗାଈ, ବସ୍ତ୍ର, ଶଯ୍ୟା ଛତା ଓ ଆସନ ଏହି ୮ଟି ବସ୍ତୁକୁ ଦାନ କରିବା ଦ୍ୱାରା ପରବର୍ତ୍ତୀ କାଳାରେ ମୃତ୍ୟୁ କଷ୍ଟକୁ ଦୂର କରିଥାଏ।

୬. ଗାଈ, ଘର, ବସ୍ତ୍ର, ଶଯ୍ୟା ଓ କନ୍ୟା ଏସବୁର ଦାନ କେବଳ ଜଣେ ବ୍ୟକ୍ତିଙ୍କୁ କରିବା ଦରକାର। ରୋଗୀର ସେବା କରିବା, ଦେବତାପୂଜା, ବ୍ରାହ୍ମଣଙ୍କ ପାଦ ଧୋଇବା ଯୋଗଦାନ ପରି ଅଟେ।

୭. ଦରିଦ୍ର, ଗରିବ, ଅନାଥ, ଶାରୀରିକ ଅକ୍ଷମୟ ତଥା ରେଗୀଙ୍କ ସେବା ସହ ଯେଉଁ ଧନ ଦାନ କରାଯାଇଥାଏ ଏଥିରୁ ମହାପୂର୍ଣ୍ଣ ଅର୍ଜନ ହୋଇଥାଏ।

୮. ଅଜ୍ଞାନ ବ୍ରାହ୍ମଣଙ୍କ ପାଖରୁ ଦାନ ଦେବା ଅନୁଚିତ ବ୍ରାହ୍ମଣଙ୍କ କ୍ଷତି ହୋଇଥାଏ।

୯. ଗାଈ, ସୁନା, ରୂପା, ରତ୍ନ, ହାତୀ, ଘୋଡ଼ାଏ ଶଯ୍ୟା, ବସ୍ତ୍ର, ଭୂମି, ଅନ୍ନ, କ୍ଷୀର, ଛତା ଓ ଆବଶ୍ୟକ ସାମଗ୍ରୀ ସହିତ ଏହିସବୁ ବସ୍ତୁକୁ ମହାଦାନ କୁହାଯାଏ।

ସାନିଟାଇଜର ବ୍ୟବହାର : ଉପକାର ନା ଅପକାର

କରୋନା ଯୁଦ୍ଧରେ ଅସ୍ତ୍ର ସାଜିଛି ସାନିଟାଇଜର। ଘରେ ହେଉ ଅବା ବାହାରେ, ସଂକ୍ରମଣରୁ ବଞ୍ଚିବା ପାଇଁ ସମସ୍ତେ ସାନିଟାଇଜର ବ୍ୟବହାର କରୁଛନ୍ତି । ତେବେ ଏହି ସାନିଟାଇଜରର ଅନେକ ସାଇଡିଫେକ୍ଟ ରହିଛି। ଆବଶ୍ୟକତା ଠାରୁ ଅଧିକ ସାଇନିଟାଇଜର ବ୍ୟବହାର କରିବା ଶରୀର ପାଇଁ ହାନୀକାରକ । ଏହା ଆମ ତ୍ୱଚା ଏବଂ ଶରୀର ଉପରେ କୁପ୍ରଭାବ ପକାଇଥାଏ । ଏପରିକି ପରିସ୍ଥିତି ଭୟାନକ ମଧ୍ୟ ହୋଇପାରେ । ଏଥିପାଇଁ ଡାକ୍ତରମାନେ ମଧ୍ୟ ସାନିଟାଇଜର ବଦଳରେ ସାବୁନ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥାନ୍ତି । ତେବେ ଆସନ୍ତୁ ଜାଣିବା ସାନିଟାଇଜର ଆମ ଶରୀର ପାଇଁ କେତେ କ୍ଷତିକାରକ ।

ସିଡିସି ମୁତାବକ ସାବୁନରେ ୨୦ ସେକେଣ୍ଡ ଯାଏଁ ହାତ ଧୋଇ ଆପଣ କରୋନା ଭାଇରସ ଭଳି ମାରାତ୍ମକ ସଂକ୍ରମଣରୁ ବଞ୍ଚିପାରିବେ। ଯଦି ଅତ୍ୟନ୍ତ ଜରୁରୀ ପଡେ ତେବେ ଆଲକହଲ ଯୁକ୍ତ ସାନିଟାଇଜରର ମଧ୍ୟ ବ୍ୟବହାର କରିପାରିବ । କିନ୍ତୁ ଏହାକୁ ପ୍ରତିଦିନ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏଗଜିମା ତଥା ତ୍ୱଚାରେ କୁଣ୍ଡେଇ ହେବା ଭଳି ସମସ୍ୟା ବଢ଼ିଥାଏ । ଏଗଜିମା ଯୋଗୁଁ ସ୍କିନ ବା ଚର୍ମ ଲାଲ ପଡିବା ସହ ଫାଟି ଯାଇଥାଏ।

ସାନିଟାଇଜରରେ ଥିବା ଏଥିଲ ଆଲକହଲ ଆଣ୍ଟିସେପ୍ଟିକ ଭଳି କାମ କରେ । ଆଉ କିଛି ସାନିଟାଇଜର ଅଣ ଆଲକହଲ ଯୁକ୍ତ ହୋଇଥାଏ। ଏଥିରେ ନନ ଟ୍ରାଇକ୍ଲୋସନ ତଥା ଟ୍ରାଇକ୍ଲୋକାର୍ବନ ଭଳି ଆଣ୍ଟିବାୟୋଟିକ କମ୍ପାଉଣ୍ଡ ବ୍ୟବହାର ହୁଏ । ଏହାଦ୍ୱାରା ଗର୍ଭଧାରଣା କ୍ଷମତା ଉପରେ ଖରାପ ପ୍ରଭାବ ପଡିଥାଏ। ଏଥିସହ ହର୍ମୋନ୍ସ ଉପରେ ମଧ୍ୟ ଏହା କୁପ୍ରଭାବ ପକାଇଥାଏ ବୋଲି ଅଧ୍ୟୟନରୁ ଜଣାପଡିଛି।

ମିଥାନୋଲ ନାମକ ବିଷାକ୍ତ ରାସାୟନିକ ପଦାର୍ଥ କେତେକ ସାନିଟାଇଜରରେ ମିଶିଥାଏ। ଫଳରେ ବାନ୍ତି ହେବା, ମୁଣ୍ଡ ବୁଲାଇବା, ଅନିଦ୍ରା, ଦୃଷ୍ଟି ଶକ୍ତି କମିବା ଭଳି ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା ଥାଏ। କେବଳ ଏତିକି ନୁହେଁ, ଏହା ଆପଣଙ୍କ ସ୍ନାୟୁ ପ୍ରଣାଳୀକୁ ମଧ୍ୟ କ୍ଷତି ପହଞ୍ଚାଏ । ଇମ୍ୟୁନ ସିଷ୍ଟମ ଉପରେ ପ୍ରଭାବ ପକାଇବା ସହ ଏହା ରୋଗ ପ୍ରତିରୋଧକ ଶକ୍ତିକୁ କମ କରିଦେଇଥାଏ।

ସାନିଟାଇଜରକୁ ଅଧିକ ସୁଗନ୍ଧିତ କରିବା ପାଇଁ ଏଥିରେ ଫଥାଲେଟ୍ ଏବଂ ପାରାବେନ୍ସ ପରି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହୃତ ହୁଏ ।

ପାରଦର୍ଶୀ ପୋର୍ଟାଲରେ ପଞ୍ଜୀକରଣ ଅବଧି ବଢ଼ିଲା

ଭୁବନେଶ୍ୱର ,୧୨/୪ (ନି.ପ୍ର): ଘରୋଇ ତଥା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗରିବ ଛାତ୍ରଛାତ୍ରୀଙ୍କୁ ପଢ଼ିବାକୁ ସୁଯୋଗ ମିଳିବ। ଶିକ୍ଷା ଅଧିକାର ଆଇନ(ଆରଟିଇ) ଆଧାରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ଆରଟିଇ ପାରଦର୍ଶୀ ଅନ୍‌ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ସ୍କୁଲ ଓ ଛାତ୍ରଛାତ୍ରୀଙ୍କର ପଞ୍ଜୀକରଣ ଚାଲିଛି। ?ତେବେ କେତେକ ବିଦ୍ୟାଳୟ ଏପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରି ନାହାନ୍ତି। ତାହାକୁ ନଜରରେ ରଖି ଆବେଦନ ସମୟ ସୀମାକୁ ଆସନ୍ତା ୨୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସ୍କୁଲଗୁଡ଼ିକ ଏହି ସମୟ ମଧ୍ୟରେ ଉକ୍ତ ପୋର୍ଟାଲରେ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ ଶ୍ରୀ ଦାଶଙ୍କ ସୂଚନା ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱୀକୃତିପ୍ରାପ୍ତ ପ୍ରାୟ ୪ ହଜାର ଘରୋଇ ସ୍କୁଲ ରାଜ୍ୟରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ପାଖାପାଖି ୫୦୦ ସ୍କୁଲ ଏପର୍ଯ୍ୟନ୍ତ ପଞ୍ଜୀକରଣ କରିନାହାନ୍ତି। ପଞ୍ଜୀକରଣର ଶେଷ ତାରିଖ ଏପ୍ରିଲ ୧୩ ରଖାଯାଇଥିଲା। ଏବେ ତାହାକୁ ୨୩ ପର୍ଯ୍ୟନ୍ତ ବଢ଼ାଯାଇଛି। ତେଣୁ ସ୍କୁଲ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ନେବା ଆବଶ୍ୟକ। ନ ହେଲେ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସେହିପରି ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ସମୟ ଅବଧି ଏପ୍ରିଲ ୨୦ ରହିଥିଲା। ତାହାକୁ ଏବେ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଯୋଗ୍ୟ ଛାତ୍ରଛାତ୍ରୀ ଏହାର ସୁଯୋଗ ନେବା ଦରକାର। ବିଶେଷକରି ପିଲାଙ୍କ ଅଭିଭାବକମାନେ ଏଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଟିକାଉତ୍ସବର ପ୍ରଥମ ଦିନରେ ରାଜ୍ୟରେ ଲକ୍ଷେ ତଳକୁ ଖସିଲା ଟିକାକରଣ

ଭୁବନେଶ୍ୱର,୧୨/୪ (ନି.ପ୍ର): ଟିକା ଉତ୍ସବର ପ୍ରଥମ ଦିନରେ ରାଜ୍ୟରେ କମିଛି ଟିକାକରଣ । ରାଜ୍ୟରେ ଟିକା ଅଭାବ ଯୋଗୁଁ ଟିକାକରଣ ଏକ ଲକ୍ଷ ତଳକୁ ଖସି ଆସିଛି । ରାଜ୍ୟର ୫୯୩ ଟିକାକରଣ କେନ୍ଦ୍ରରେ ଆଜି ୮୧ ହଜାର ୧୬୯ ଜଣଙ୍କୁ କୋଭିଡ ଟିକାର ଡୋଜ ଦିଆଯାଇଛି । ଦୈନିକ ଦୁଇ ଲକ୍ଷ ଟିକାକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ହେଲେ ଟିକା ଉତ୍ସବର ପ୍ରଥମ ଦିନରେ ଟିକାକରଣ ଲକ୍ଷେ ତଳକୁ ଖସିଯାଇଛି । ଆଜି ଟିକାକରଣ ପରେ ରାଜ୍ୟରେ ୧ଲକ୍ଷ ୫୯ ହଜାର ୪୩୯ ଡୋଜ କୋଭିସିଲଡ ଟିକା ଓ ୭୧ ହଜାର ୧୦ ଡୋଜ କୋଭାକ୍ସିନ ଟିକା ମହଜୁଦ ରହିଛି ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୫ ଗିରଫ, ୮୧୩ ବାହନ ଜବତ

ଭୁବନେଶ୍ୱର,୧୨/୪ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୧୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୩୫,୩୮,୦୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଗତକାଲି ରାଜ୍ୟରେ ୧,୧୩,୫୬୩ଜଣ ଲୋକଙ୍କର ଟିକାକରଣ କରାଯାଇଛି : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୧୨/୪ (ନି.ପ୍ର): ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୪,୨୯,୭୦୩୨ଲୋକଙ୍କୁ ଟିକା ଦିଆଯାଇସାରିଲାଣି । ଗତକାଲି ରାଜ୍ୟରେ ୧,୧୩,୫୬୩ଜଣ ଲୋକଙ୍କର ଟିକାକରଣ କରାଯାଇଛି। ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଶନିବାର ଦିନ ରାଜ୍ୟକୁ ଅଢ଼େଇ ଲକ୍ଷ କୋଭିସିଲ୍ଡ ଟିକା ମିଳିଛି, ଯାହା ବିଭିନ୍ନ ଜିଲ୍ଲାକୁ ପଠାଯାଇଛି । ଏଥିରେ ସଂକ୍ରମଣ ବେଶୀ ଥିବା ଜିଲ୍ଲା ଯଥା ଖୋର୍ଦ୍ଧା, ସୁନ୍ଦରଗଡ଼, କଟକ ବରଗଡ଼, ନୂଆପଡା ଆଦିକୁ ଅଗ୍ରାଧିକାର ଦିଆଯାଉଛି । ସେ କହିଛନ୍ତି ଯେ ବର୍ତମାନ ଆମ ପାଖରେ ୨,୩୩,୬୫୮ ଡୋଜ୍ କୋଭିସିଲ୍ଡ ଓ ୭୭୯୬୦ ଡୋଜ କୋଭାକ୍ସିନ୍ ହିସାବରେ ସମୁଦାୟ ୩.୧ ଲକ୍ଷ ଟିକା ମହଜୁଦ ଅଛି। ଟିକା ଉତ୍ସବ ଆଜିଠାରୁ ପାଳନ ହେଉଛି। ଆମର ଟିକା ନଷ୍ଟ ହେବାର ପରିମାଣ ଖୁବ କମ୍ । ଯେତିକି ଟିକା ଅଛି ଆସନ୍ତା କାଲି ଅଧିକାଂଶ ଜିଲ୍ଲାରେ ସରିଯିବ ।

ଆହାର କେନ୍ଦ୍ର ସଫଳତାର ବଳ ପାଲଟିଛନ୍ତି ମିଶନଶକ୍ତିର ମହିଳା ଗୋଷ୍ଠି

ଭୁବନେଶ୍ୱର,୧୨/୪ (ନି.ପ୍ର): ରାଜ୍ୟରେ ଥିବା ଆହାର କେନ୍ଦ୍ର ଗୁଡିକର ବଳ ପାଲଟିଛନ୍ତି ମିଶନ ଶକ୍ତିର ମହିଳା ଗୋଷ୍ଠି । ମହିଳା ଗୋଷ୍ଠିର ସଫଳ ପରିଚାଳନା ଓ ସହଯୋଗ ଲାଗି ସହରାଟଂଳର ଆହର କେନ୍ଦ୍ରଗୁଡିକ ଏବେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢିବାରେ ଲାଗିଛି । ମହିଳାମାନଙ୍କୁ ଆତ୍ମନିର୍ଭର ପାଇଁ ସବୁ କ୍ଷେତ୍ରରେ ସେମାନଙ୍କୁ ସହଭାଗୀ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପରେ ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସେମାନଙ୍କୁ ସାମିଲ କରାଯାଇଥିଲା । ଯାହାର ସୁଫଳ ଏବେ ରାଜ୍ୟବାସୀ ପାଉଛନ୍ତି । ରାଜ୍ୟର ବିଭିନ୍ନ ସହରାଟଂଳରେ ଥିବା ୧୬୬ଟି ଆହାର କେନ୍ଦ୍ରର ପରିଚାଳନାରେ ୧୫୭ ମିଶନ ଶକ୍ତି ଗୋଷ୍ଠିର ୨୦୦୦ରୁ ଅଧିକ ସଦସ୍ୟା ନିୟୋଜିତ ହୋଇଛନ୍ତି । ୨୦୨୦ ନଭେମ୍ବର ମାସରୁ ଏହି ମହିଳମାନେ ସଫଳତାର ସହ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି । ସରକାର ମଧ୍ୟ ସେମାନଙ୍କ ଅବଦାନର ମୂଲ୍ୟାୟନ କରିବା ସହିତ ତଦାରଖ ଦେୟ ପ୍ରଦାନ କରି ସେମାନଙ୍କ ଆର୍ଥିକ ନିରାପତାକୁ ସୁରକ୍ଷିତ କରିଛନ୍ତି । ୧୫୭ଟି ମିଶନ ଶକ୍ତି ଗୋଷ୍ଠିକୁ ଆହାର କେନ୍ଦ୍ରଗୁଡିକରେ ସେବା ଯୋଗାଇବା ଓ ତଦାରଖ ବାବଦରେ ଏକ କୋଟି ୧୫ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ଉଲ୍ଲେଖନୀୟ ଯେ ସହରାଟଂଳରେ ଥିବା ଆହାର କେନ୍ଦ୍ରଗୁଡିକରେ ଅଭାବୀ ଓ ଅସହାୟ ଲୋକଙ୍କୁ ମାତ୍ର ୫ଟଙ୍କା ଦରରେ ପେଟପୂରା ଗରମ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଏହି କେନ୍ଦ୍ରରେ ମହିଳାଗୋଷ୍ଠିଙ୍କୁ ନିୟୋଜିତ କରାଯିବା ଫଳରେ ଖାଦ୍ୟ ବିତରଣ ଠାରୁ ଆରମ୍ଭକରି ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଆଦି ଠିକଣା ଭାବେ ପରିଚାଳନା କରାଯାଇ ପାରୁଛି । ମହିଳାମାନେ ଏବେ ଆହାର କେନ୍ଦ୍ରର ବଳ ପାଲଟିଛନ୍ତି। ବିଶେଷକରି କୋଭିଡ-୧୯ ମହାମାରୀ ସମୟରେ ମହିଳାଙ୍କ ସଫଳ ପରିଚାଳନା ଯୋଗୁଁ ଆହାରକେନ୍ଦ୍ରଗୁଡିକ ଖୋଲା ରହିବା ସହିତ ନିୟମିତ ଭାବେ ଅସହାୟମାନଙ୍କୁ ଖାଦ୍ୟ ଯୋଗାଇବାରେ ସଫଳ ହୋଇଛି । କେବଳ ଆହାର କେନ୍ଦ୍ର ନୁହେଁ ମହିଳାଙ୍କ ସଫଳ ପରିଚାଳନାକୁ ଦେଖି ସହରାଟଂଳରେ ଥିବା ଆଶ୍ରୟସ୍ଥଳୀଗୁଡିକର ପରିଚାଳନା ଦାୟିତ୍ୱ ବି ଗୃହ ଏବଂ ନଗର ଉନ୍ନୟନ ବିଭାଗ ମହିଳା ଗୋଷ୍ଠିଙ୍କ ହାତରେ ଦେଇଛନ୍ତି । ବର୍ତମାନ ସୁଦ୍ଧା ୩ଟି ମିଶନଶକ୍ତି ଗୋଷ୍ଠିକୁ ବାଲେଶ୍ୱରର ମା' ଦୁର୍ଗା, ନବରଙ୍ଗପୁରର ଶ୍ରୀ ସାଇ ଏବଂ ରାୟଗଡାର ସଂସ୍କୃତ ମିଶନ ଶକ୍ତି ଗୋଷ୍ଠିଙ୍କୁ ସହରାଟଂଳର ବାସହୀନଙ୍କ ପାଇଁ ଆଶ୍ରୟସ୍ଥଳୀ ପରିଚାଳନା ଦାୟିତ୍ୱ ଦିଆଯାଇଛି । ଏହାର ସଫଳ ପରିଚାଳନା ପାଇଁ ମୋଟ ଖର୍ଚ୍ଚ ହେଉଥିବା ଅର୍ଥର ୧୦ ପ୍ରତିଶତ ମିଶନ ଶକ୍ତି ଗୋଷ୍ଠିକୁ ମିଳୁଛି । କେବଳ ଏହି ଦୁଇଟିରେ ମିଶନ ଶକ୍ତିର ମହିଳାଗୋଷ୍ଠି ନିଜର ସଫଳତାର ପ୍ରମାଣ ଦେଇନାହାନ୍ତି ବରଂ ସହରାଟଂଳରେ କାର୍ଯ୍ୟକାରୀ ହେଉଥିବା ଜଳଯୋଗାଣ ଠାରୁ ଆରମ୍ଭ କରି ପରିମଳ ଏବଂ ଟ୍ରାଫିକ ନିୟନ୍ତ୍ରଣ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନିଜକୁ ସାମିଲ କରିବା ସହିତ ଆତ୍ମନିର୍ଭର ହୋଇ ପାରୁଛନ୍ତି ।

ରାଜଧାନୀରେ ଓୟୋ ରୁମ୍ ହେଲା ସଙ୍ଗରୋଧ କେନ୍ଦ୍ର

ଭୁବନେଶ୍ୱର,୧୨/୪ (ନି.ପ୍ର): ଏବେ ରାଜଧାନୀରେ ଓୟୋ ରୁମ ହେଲା ସଙ୍ଗରୋଧ କେନ୍ଦ୍ର। ଏଣିକି ଓୟୋ ରୁମରେ ସଙ୍ଗରୋଧରେ ରହିପାରିବେ ଲୋକେ। ରାଜଧାନୀରେ କୋଭିଡ୍ ସଂକ୍ରମଣ ବୃଦ୍ଧି ଓ କ୍ୱାରେଣ୍ଟାଇନ୍ ସୁବିଧାକୁ ଦେଖି ୩ଟି ଦେୟଯୁକ୍ତ ଓୟୋ ହୋଟେଲକୁ କ୍ୱାରେଣ୍ଟାଇନ୍ ସେଣ୍ଟର ଭାବେ ଘୋଷଣା କରିଛି ଭୁବନେଶ୍ୱର ମହାନଗର ନିଗମ। ଏଠାରେ ଲୋକ ଆବଶ୍ୟକୀୟ ଟଙ୍କା ଦେଇ ନିଜକୁ ସଙ୍ଗରୋଧରେ ରଖିପାରିବେ। ସେଠାରେ ତାଙ୍କୁ ସକାଳର ଜଳଖିଆ, ଦ୍ୱିପହର ଓ ରାତିର ଖାଇବା ମଧ୍ୟ ଉପଲବ୍ଧ ହୋଇପାରିବ ବୋଲି ବିଏମସି ବିଜ୍ଞପ୍ତି ଜାରି କରି ସୂଚନା ଦେଇଛି । ରାଜ୍ୟରେ ଏବେ କୋଭିଡ୍ ସଂକ୍ରମଣ ବଢ଼ିବାକୁ ଲାଗିଛି । ବିଭିନ୍ନ ରାଜ୍ୟରୁ ପ୍ରବାସୀମାନେ ଏବେ ଘର ମୁହାଁ ମଧ୍ୟ ହେବାକୁ ଲାଗିଲେଣି । ଏପରି ସ୍ଥିତିରେ ସଂକ୍ରମଣକୁ ରୋକିବାକୁ ସରକାର ସଙ୍ଗରୋଧ ବାଧ୍ୟତାମୂଳକ କରିଛନ୍ତି। ହେଲେ ସଙ୍ଗରୋଧ ଗୃହର ଅଭାବ ହେତୁ ଲୋକମାନେ ନାନାଦି ସମସ୍ୟା ଭୋଗୁଛନ୍ତି। ଏପରି ସମୟରେ ଓୟୋ ରୁମକୁ ବିଏମସି ସଙ୍ଗରୋଧ କେନ୍ଦ୍ର ଭାବେ ବାଛିଛି। ଭୁବନେଶ୍ୱରର ୩ଟି ଓୟୋ ହୋଟେଲରେ ଏଥିପାଇଁ ମୋଟ ୪୦ଟି ବେଡର ବ୍ୟବସ୍ଥା କରାଯାଇଛି ।

କରୋନାର ଦ୍ୱିତୀୟ ଲହରରେ ସମାଜସେବୀ ପ୍ରତାପ ସାହୁଙ୍କ ପକ୍ଷୀସେବା

ଭୁବନେଶ୍ୱର,୧୨/୪ (ନି.ପ୍ର): ମହାମାରୀ କରୋନାର ପ୍ରଥମ ଲହର ଲୋକମାନଙ୍କ ମନରୁ ଭୟ ଦୂର ହୋଇନଥିବା ବେଳେ ଏବେ ସାରା ଭାରତ ସମେତ ଓଡ଼ିଶାରେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିଛି। ପ୍ରଥମ ଲହର ଠାରୁ କରୋନର ଦ୍ୱିତୀୟ ଲହରରେ ଖୁବ୍ ଭୟଙ୍କର ଭାବରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଲୋକଙ୍କ ସମେତ କରୋନା ସେବା ଯୋଗାଉଥିବା ଡ଼ାକ୍ତରମାନେ ମଧ୍ୟ ଏଥିରେ ମୃତ୍ୟୁବରଣ କଲେଣି। କରୋନାର ଏହି ମହାମାରୀ ସମୟରେ ପଶୁ ପକ୍ଷୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମାଜସେବୀ ପ୍ରତାପ ସାହୁ ପଶୁପକ୍ଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜଧାନୀର ଭୁବନେଶ୍ୱର କ୍ଲବ, ବାଣିବାହାର, ରୁପାଲି ଛକ, କଳିଙ୍ଗ ହସ୍ପିଟାଲ ଛକ, ଜୟଦେବ ବିହାର ଓ ନିଳାଦ୍ରୀ ବିହାର ଆଦି ଅଞ୍ଚଳ ବୁଲି ପାରାମାନଙ୍କୁ ଖାଦ୍ୟ ଯୋଗାଇ ଆସୁଛନ୍ତି। ବିଶେଷକରି ରାଜଧାନୀସ୍ଥିତ ରାମମନ୍ଦିରରେ ରହୁଥିବା ପାରାମାନଙ୍କୁ ପ୍ରତ୍ୟେକ ଦିନ ଚାଉଳ, ଗହମ ଓ ସୋରିଷ ଆଦି ଖାଦ୍ୟ ପଦାର୍ଥ ପ୍ରଦାନ କରିଆସୁଛନ୍ତି। ପ୍ରତାପଙ୍କ ଏହି ସେବା ପାଇ ପାରାମାନେ ପ୍ରତ୍ୟେକଦିନ ପ୍ରତାପ ସାହୁଙ୍କ ଆସିବା ବାଟକୁ ଚାତକ ପରି ଚାହିଁ ରହିଥାନ୍ତି। ପ୍ରତାପ ସାହୁ ରାମ ମନ୍ଦିର ନିକଟରେ ପହଞ୍ଚୁ ପହଞ୍ଚୁ ଶହ ଶହ ସଂଖ୍ୟାରେ ପାରା ଆସି ତାଙ୍କ ଚାରିପାଖରେ ଘେରି ଯାଆନ୍ତି ଏବଂ ପ୍ରତାପ ସେମାନଙ୍କୁ ପ୍ରତ୍ୟେକ ଦିନ ଖାଦ୍ୟ ଯୋଗାଇଥାନ୍ତି। ଏଠାରେ ପ୍ରକାଶ ଥାଉକି କି, କେବଳ ପକ୍ଷୀ ନୁହଁନ୍ତି, ପ୍ରତାପ ସାହୁ ପଶୁମାନଙ୍କୁ ମଧ୍ୟ ଖାଦ୍ୟ ଦେବା ଓ ସେମାନଙ୍କ ରହିବାର ବ୍ୟବସ୍ଥା କରିଥାନ୍ତି। କିଛିଦିନ ତଳେ ଶ୍ରୀଯୁକ୍ତ ସାହୁ ବୁଲା କୁକୁରମାନଙ୍କ ପାଇଁ ରାଜଧାନୀସ୍ଥିତ ନିଳାଦ୍ରୀ ବହାରଠାରେ 'ବିଶ୍ୱାସ' ନାମକ ଏକ ଗୃହ ନିର୍ମାଣ କରିଛନ୍ତି। ଏହି ଗୃହରେ ବୁଲା କୁକୁରମାନଙ୍କ ପାଇଁ ପାଇଖନା, ପାଣି ପିଇବା ପାଇଁ କୁଣ୍ଡ, ଖାଇବା ଲାଗି ପ୍ରତ୍ୟେକ କୁକୁରମାନଙ୍କ ପାଇଁ ଗୋଟିଏ ଗୋଟିଏ ଥାଳିର ବ୍ୟବସ୍ଥା କରାଯାଇଛି। ଖାଲି ଏତିକି ନୁହେଁ ମହାମାରୀ କରୋନା ସମୟରେ ପ୍ରତାପ ସାହୁ ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ୍, ବସ୍‌ଷ୍ଟାଣ୍ଡ, ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ମାଗଣାରେ ସାନିଟାଇଜ କରିଥାନ୍ତି ଏବଂ ଗରିବ ଓ ନିରାଶ୍ରୟ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧା ଖାଦ୍ୟ ଯୋଗାଇଦେବା ସହ ସେମାନଙ୍କୁ କରୋନା ଠାରୁ ଦୂରେଇ ରହିବା ପାଇଁ ସଚେତନ କରି ଆସୁଛନ୍ତି।

ବିଜେପି ନେତ୍ରୀ ଓ ବୁଥ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ପ୍ରସଙ୍ଗ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରିଙ୍କୁ ଭେଟିଲେ ବିଜେପି ବିଧାୟକ ଦଳ

ଭୁବନେଶ୍ୱର,୧୨/୪ (ନି.ପ୍ର): ପିପିଲି ଉପନିର୍ବାଚନରେ ଶାସକ ବିଜେଡିକୁ ନିର୍ବାଚନ ପରାଜୟର ଭୟ ଘାରିଛି । ପୂର୍ବରୁ ବିଭିନ୍ନ ଉପନିର୍ବାଚନକୁ ହାତେଇବା ପାଇଁ ବିଜେଡି ଗୁଣ୍ଡାମାନେ ଯେପରି ଲୋକଙ୍କ ଭିତରେ ଆତଙ୍କ ଖେଳାନ୍ତି ଠିକ୍ ସମାନ ଢଙ୍ଗରେ ପିପିଲି ନିର୍ବାଚନମଣ୍ଡଳୀରେ ଶାସକ ଦଳର କର୍ମୀମାନେ ବିରୋଧୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମିରେଖା ଦାସ ଏବଂ ବୁଥ ସଭାପତି ସରୋଜ ସେଠୀଙ୍କୁ ବିଜେଡି କର୍ମୀ ଲିଙ୍ଗରାଜ ସ୍ୱାଇଁ ଏବଂ ତାଙ୍କ ସହଯୋଗୀମାନେ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ଏବଂ ଏହି ଅଂଚଳ ଛାଡି ଯିବା ପାଇଁ ଧମକ ଦେଇଥିଲେ । ଏ ସଂକ୍ରାନ୍ତରେ ପିପିଲି ଥାନାରେ ଗତକାଲି ଏତଲା ଦିଆଯାଇଥିଲେ ସୁଦ୍ଧା ପୋଲିସ ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଦୋଷୀଙ୍କୁ ତୁରନ୍ତ ଗିରଫ ଦାବିରେ ବିଜେପି ବିଧାୟକଙ୍କ ଏକ ପ୍ରତିନିଧୀ ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛି । ଗତକାଲି ବିଜେଡି ବିଧାୟକ ବ୍ୟୋମକେଶ ରାୟ ଏବଂ ବିଜେଡି ନେତା ତନ୍ମୟ ସ୍ୱାଇଁଙ୍କ ଇଙ୍ଗିତରେ ବିଜେପି ନେତ୍ରୀ ଓ ବୁଥ ସଭାପତିଙ୍କୁ ଆକ୍ରମଣ କରାଯାଇଛି । ଏ ନେଇ ବିଜେପି ପକ୍ଷରୁ ପିପିଲି ଥାନାରେ ଅଭିଯୋଗ କରିବା ପରେ ବି ଶାସକ ଦଳ ଚାପରେ ପୋଲିସ ଚୁପ୍ ବସିଛି । ଏ ଘଟଣାରେ ପୋଲିସ ଶାସକ ଦଳ ଇଙ୍ଗିତରେ କାମ କରୁଥିବାରୁ ପୁଣି ଥରେ ବିଜେପି ବୁଥ ସଭାପତି ସରୋଜ ସେଠୀଙ୍କୁ ଆଜି କିଛି ବିଜେଡି ଗୁଣ୍ଡା ମାରିଦେବାର ଧମକ ଦେଇଛନ୍ତି । ସେହିପରି ପୂର୍ବରୁ ନିର୍ବାଚନ ଅଧିକାରୀଙ୍କ ପାଖରେ ହୋଇଥିବା ଅଭିଯୋଗକୁ ଶାସକ ଦଳ ସରକାରୀ କଳକୁ ଅପବ୍ୟବହାର କରି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନକାରୀଙ୍କୁ ସୁରକ୍ଷା ଦେଇଛି ବୋଲି ପ୍ରମାଣିତ ହୋଇଛି । ଜଣେ ସରକାରୀ ମେଡିକାଲ ଅଫିସର ବିଜେଡି ପ୍ରାର୍ଥୀଙ୍କ ପାଇଁ ସୋସିଲ ମିଡିଆରେ ପ୍ରଚାର କରିବା ନେଇ ବିଜେପି ଅଭିଯୋଗ କରିଥିବାବେଳେ ଆଜି ନିର୍ବାଚନ ଅଧିକାରୀ ସଂପୃକ୍ତ ବ୍ୟକ୍ତିଙ୍କ ମୋବାଇଲ ହଜିଯାଇଥିବା କଥା ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ବୁଥ ସଭାପତି ସରୋଜ ସେଠୀ ଜଣେ ହରିଜନ ଲୋକ ହୋଇଥିବାରୁ ଶାସକ ବିଜେଡିର କର୍ମୀମାନେ ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ଯୋଗୁଁ ସେ ମାନସିକ ସ୍ତରରେ ବହୁତ ଆଘାତ ପାଇଛନ୍ତି । ଏ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା ସହ ଶାନ୍ତିପୂର୍ଣ୍ଣଭାବେ କିପରି ନିର୍ବାଚନ ହେବ ସେ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପୋଲିସକୁ ନିର୍ଦ୍ଦେଶ ଦେବା ପାଇଁ ବିଜେପି ଦାବି କରିଛି । ବିଶେଷ କରି ସମ୍ବେଦନଶୀଳ ସ୍ଥାନରେ ପୋଲିସ ପେଟ୍ରୋଲିଂକୁ ବ୍ୟାପକ କରାଯାଉ । ବିଜେପି ବୁଥ ସଭାପତି ସରୋଜ ସେଠୀ ଓ ତାଙ୍କ ପରିବାରକୁ ୨୪ ଘଂଟିଆ ପୋଲିସ ସୁରକ୍ଷା ଯୋଗାଇ ଦେବା ସହ ଆଗାମୀ ପିପିଲି ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ବିଜେପି ବିଧାୟକମାନେ ଦାବି କରିଛନ୍ତି । ଏହି ପ୍ରତିନିଧୀ ଦଳରେ ବିଜେପି ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନାଉରୀ ନାୟକ, ମୁକେଶ ମହାଲିଙ୍ଗ, କୁସୁମ ଟେଟେ ଏବଂ ଲିଗାଲ କୋର୍ଡିନେଟର ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

ଗ୍ୟାଙ୍ଗଷ୍ଟର ହାଇଦର ଫେରାର ଘଟଣାରେ ଡିଜିପିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୧୨/୪ (ନି.ପ୍ର): ଗ୍ୟାଙ୍ଗଷ୍ଟର ହାଇଦର ଏସସିବି ମେଡିକାଲ କଲେଜ ଓ ହସପିଟାଲରୁ ଫେରାର ଘଟଣାରେ ଡିଜିପିଙ୍କ ଅଧକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ପରେ କ୍ରାଇମବ୍ରାଂଚ ଏଡିଜି ସୂଚନା ଦେଇଥିଲେ ଯେ ସମସ୍ତ ସୀମାନ୍ତବର୍ତୀ ଅଂଚଳରେ ନଜର ରଖାଯାଇଛି। ସବୁ ଜିଲ୍ଲାର ଏସ୍‌ପିଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଷ୍ଟେସନ, ବିମାନ ବନ୍ଦର ଓ ବସ୍‌ଷ୍ଟାଣ୍ଡ ଉପରେ ବି ନଜର

ମୁହଁଛୁଆଁରେ ଡକାୟତି ସନ୍ଧାନୀକୁକୁରକୁ ନେଇ ପୋଲିସ ତଦନ୍ତ

ଖଇରା,୧୨/୦୪ (ନି.ପ୍ର): ଖଇରା ଥାନା ଗୋଳିହା ପଞ୍ଚାୟତ ମୁହଁଛୁଆ ଗ୍ରାମର ଗୟାଧର ବାରିକଙ୍କର ପରିବାର ଘରେ ଶୋଇଥିବାବେଳେ ଡକାୟତମାନେ ଘର ପାଖରେ ଥିବା ଆମ୍ବଗଛରେ ଚଢି ଛାତ ଉପରକୁ ଯାଇ ସିଡି ବାଟଦେଇ ଘରଭିତରକୁ ପଶିଥିଲେ । ପରିବାରବର୍ଗଙ୍କୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ସମସ୍ତ ଅଳଙ୍କାର ଲୋଟିନେଇଥିଲେ । ଘରଠାରୁ ତିନିଶହ ମିଟର ଦୂରରେ ଥିବା ଅଳଙ୍କାର ଆଟେଚ ବ୍ୟାଗ ଆଦି ପଡିଥିବାର ସକାଳେ ପରିବାର ଲୋକେ ଦେଖିବାକୁ ପାଇଥିଲେ । ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହିତ ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ ଆରମ୍ଭ କରିଛନ୍ତି ।

ବି.ବି.କଲେଜ ବାଇଗଣବାଡିଆ ଆଲୁମିନି ଆସୋସିଏସନର ଦ୍ୱିତୀୟ ବୈଠକରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବାରିପଦା,୧୨/୦୪ (ନି.ପ୍ର): ବି.ବି.କଲେଜ ବାଇଗଣବାଡିଆ କଲେଜ ପରିସରରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ଆଲୁମିନି ଆସୋସିଏସନର ଦ୍ୱିତୀୟ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ସଂଗଠନର ସୁନୀଲ କୁମାର ନାୟକ, ବିପ୍ଳବ ଦାସ ଓ ଶୁଭେନ୍ଦୁ ବାସୁରିଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଆବାହକତ୍ୱରେ ହୋଇଥିଲା । ଏହାର ଆଭିମୁଖ୍ୟକୁ ସାକାର କରି ମହାବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ନିମନ୍ତେ ଆଲୁମିନି ସଭାପତି ଶ୍ରୀ ସନ୍ଦିପ କୁମାର ପତି ଗଣତନ୍ତ୍ରୀକ ଉପାୟରେ ସଙ୍ଗଠନର ନିମ୍ନ ଲିଖିତ ନବନିର୍ବାଚିତ ପଦାଧିକାରୀଙ୍କ ନାମ ଘୋଷନା କରିଥିଲେ । ଉପଦେଷ୍ଟା ଭାବରେ ବିବିକଲେଜର ଅଧ୍ୟକ୍ଷ ଡ.ଯତିନ୍ଦ୍ରନାଥସିଂହଦେବ ସଚାନ, ଅଧ୍ୟାପକ୍ଷ ଡ.ଶୁଭେନ୍ଦୁ ଦାସ ମନୋନିତ ହୋଇଥିବା ବେଳେ ପୁରାତନ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଉପଦେଷ୍ଟା ମଣ୍ଡଳୀରେ ନିର୍ବାଚିତ ହୋଇଥିଲେ- ଦୀପକ କୁମାର ବାରିକ, କିଶୋର ବିଶ୍ୱାଳ, କିଶୋର ମହାନ୍ତି ଓ ରବିନ ଦଣ୍ଡପାଟ୍ କାର୍ଯ୍ୟକାରୀ ସଭାପତି ଭାବେ ମନୋନିତ ହୋଇଥିଲେ । ସୁନୀଲ କୁମାର ନାୟକ, ବିପ୍ଳବ ଦାସ, ଶୁଭେନ୍ଦୁ ବାସୁରି ଉପ-ସଭାପତି ରୂପେ ନିର୍ବାଚିତ ହୋଇଥିଲେ ବାକୁନ ହାଁସଦାଃ, ଜଗଦିସ୍ ପାଲବାବୁ, ପାର୍ଥସାରଥି ନାଏକ, ଶ୍ରୀସେନ୍ଦ୍ର ବାରିକ । ସାଧାରଣ ସମ୍ପାଦକ ରୂପେ ଅଂଶୁମାନ ଦାସ, ବିନୋଦ ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ପାଦକ ରୂପେ ତରୁଣ କୁମାର ରାଉଳ, ରାଜାରାମ ପଣ୍ଡିତ, ରହିତ ପାତ୍ର, ଧାନାଇ ସୋରେନ, ଯୁଗ୍ମ ସମ୍ପାଦକ ରୂପେ, ଜୀବନ ବିନ୍ଧାଣୀ, ପୁର୍ଣ୍ଣେନ୍ଦୁ ପଣ୍ଡା, ଭରତ କାସ୍ୟବ୍ ଓ ଜ୍ଞାନରଞ୍ଜନ ବେହେରା । କୋଷାଧ୍ୟକ୍ଷ ଭାବେ ଅନନ୍ତ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ ଏବଂ ଶପଥ ପାଠ କରିଥିଲେ ।

ବିଭିନ୍ନ ଶକ୍ତିପୀଠରେ ନବରାତ୍ର ପୂଜା ଆରମ୍ଭ

ବାଲେଶ୍ୱର,୧୨/୦୪ (ନି.ପ୍ର): ଚୈତ୍ରମାସର ବାସନ୍ତିକ ଦୂର୍ଗୋତ୍ସବ ଅବସରରେ ବିଭିନ୍ନ ଶକ୍ତିପୀଠରେ ସୋମବାରଠାରୁ ଆରମ୍ଭ ହୋଇଛି ନବରାତ୍ର ପୂଜା । ଏହି କ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୁଳିଆସ୍ଥିତ ପୀତାମ୍ବରୀ ସିଦ୍ଧ ମହାଶକ୍ତୀ ପୀଠରେ ରୀତିନୀତି ଅନୁସାରେ ନବରାତ୍ର ପୂଜା ଶୁଭାରମ୍ଭ କରାଯାଇଛି । ପ୍ରାତଃକାଳରୁ ପଞ୍ଚ ଦେବତାଙ୍କ ଆମନ୍ତ୍ରଣ ସହ ଘଟ ଓ ମଣ୍ଡଳ ସ୍ଥାପନ ସହ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ଅନୁରୂପ ଭାବେ ସଂଧ୍ୟାରେ ସପ୍ତସତୀ ଚଣ୍ଡିପାଠ ଓ ରାତିରେ ୧୦୮ ଆହୁତି ଆଦି କର୍ମକାଣ୍ଡ ମାଧ୍ୟମରେ ପ୍ରଥମ ଦିନରେ ପୀଠ ଅଧିଷ୍ଠାତ୍ରୀ ମା' ବଗଳାମୁଖୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତଙ୍କ ବେଦମନ୍ତ୍ରରେ ସମଗ୍ର ପରିବେଶ ଭକ୍ତିମୟ ହୋଇ ଉଠିଥିଲା । ତେବେ ସରକାରଙ୍କ କୋଭିଡ ନିୟମ ପାଳନ ସହ ମାନସିକଧାରୀ ଶ୍ରଦ୍ଧାଳୁ ଓ ସେବକମାନେ ମା'ଙ୍କର ଆରଧନା କରିଥିଲେ । ପ୍ରଥମ ଦିନରେ ପାର୍ବତ୍ୟ ରାଜା ହିମାଳୟଙ୍କ ପୁତ୍ରୀ ଭାବେ ମା' ବଗଳାମୁଖୀଙ୍କୁ ଶୈଳପୁତ୍ରୀ ସ୍ୱରୂପରେ ପୂଜା କରାଯାଇଥିଲା ।

ସି.ପି.ଆଇ. ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ନୀଳଗିରି,୧୨/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟ ଆଗରେ ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତିବାଦରେ ସୋମବାର ସି.ପି.ଆଇ. ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କରୋନା ସମୟରେ ପଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଦର ବୃଦ୍ଧି ସହିତ ବିଦ୍ୟୁତ୍ ଦର ବୃଦ୍ଧି ସାଧାରଣ ଲୋକଙ୍କ ପାଇଁ ବୋଝ ଉପରେ କୋରଡ଼ା ମାଡ଼ ହୋଇଛି ବୋଲି ସି.ପି.ଆଇ. ପକ୍ଷରୁ କୁହାଯାଇଛି । ଦଳ ପକ୍ଷରୁ ୮ଦଫା ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦାବୀ ଗୁଡ଼ିକୁ ହେଲା ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର, ଗରିବ ଲୋକଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ପେଟ୍ରୋଲ, ଡିଜେଲ ଉପରେ ରାଜ୍ୟ ସରକାର ନିଜସ୍ୱ ଭାଟ୍ କମାଇବା, ଅଘୋଷିତ ବିଦ୍ୟୁତ୍ କାଟ ନ କରିବା, ବିଜୁଳି ନିଗମ ଜରିଆରେ ସରକାର ନିଜ ଦାୟିତ୍ୱରେ ପରିଚାଳନା କରିବା, ଜାଳେଣି ଗ୍ୟାସ ସବ୍‌ସିଡି ରାଜ୍ୟ ସରକାର ଭରଣ କରି ଗରିବ ଲୋକଙ୍କୁ ଯୋଗାଇ ଦେବା, ପାନୀୟ ଜଳ ସୋର୍ସ ଗୁଡ଼ିକ ତୁରନ୍ତ ମରାମତି କରିବା, ନୀଳଗିରି ମେଡିକାଲରେ ବର୍ତ୍ତମାନ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ ରାଜ୍ୟ ସରକାର ଗ୍ରହଣ କରି ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆଦି ଦାବୀ ନେଇ ବର୍ଷିଆନ ନେତା କୈଳାସ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଏକ ରାଲି ଅନୁଷ୍ଠିତ ହୋଇ ବିଦ୍ୟୁତ୍ କାର୍ଯ୍ୟାଳୟ ରେ ପହଞ୍ଚିଥିଲେ । ଏହି ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ବାରିକ, ନିହାର ଦାସ, ଦେବେନ୍ଦ୍ର ବେହେରା, ଗାୟତ୍ରୀ ସମେତ ୨ଶହ ରୁ ଅଧିକ ଜନସାଧାରଣ ସାମିଲ ଥିଲେ ।

ଓଏସଜେଏସ୍ ଓ ଓଜେଏସ୍ ନିୟମାବଳୀ ସଂଶୋଧନକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୧୨/୦୪ (ନି.ପ୍ର): ଓଏସଜେଏସ୍ ଓ ଓଜେଏସ୍ ନିୟମାବଳୀରେ ସଂଶୋଧନ କରିବା ନିଷ୍ପତିକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ଏହାଦ୍ୱାରା ନିଯୁକ୍ତି ବର୍ଷ ୧ ଅଗଷ୍ଟ ପରିବର୍ତେ ୧ ଏପ୍ରିଲ ବୋଲି ଗଣାଯିବ । ଜିଲ୍ଲା ଜଜ୍ ଙ୍କ କ୍ୟାଡରରେ ନିଯୁକ୍ତି ପ୍ରକ୍ରିୟାକୁ ସହଜ କରିବା ଏବଂ ନିଯୁକ୍ତି ବର୍ଷରେ ଅଧିକାରୀଙ୍କ ବରିଷ୍ଠତା ପଦ୍ଧତିକୁ ସ୍ଥିର କରିବାପାଇଁ ଏହି ନିଷ୍ପତି ହୋଇଛି । ସେହିପରି ଓଡିଶା ସରକାରୀ କାର୍ଯ୍ୟ ନିୟମାବଳୀର ଦ୍ୱିତୀୟ ଅନୁସୂଚୀ ଧାରା -୧୮ ଅନୁଯାୟୀ ରାଜ୍ୟ କ୍ୟାବିନେଟ୍ ଓଡିଶା ଲୋକସେବା ଆୟୋଗର ୨୦୧୬-୧୭ ବର୍ଷର କାର୍ଯ୍ୟାବଳୀ ସମ୍ବନ୍ଧୀୟ ବାର୍ଷିକ ବିବରଣୀ ଓ ଏହାର ଏକ ସ୍ମାରକପତ୍ର ଓଡିଶା ବିଧାନସଭାରେ ଉପସ୍ଥାପନ କରିବାକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି ।

ମହତିପୁରରେ ପିଡବ୍ଲ୍ୟୁ ରାସ୍ତା ସମୀକ୍ଷା କରିଥିଲେ ମନ୍ତ୍ରୀ

ଖଇରା -୧୨/୦୪ (ନିପ୍ର) ଖଇରା ବ୍ଲକ ମହତପୁର ପଞ୍ଚାୟତ ଚକମହାସମପୁର ଠାରେ ନିର୍ମିତ ହେଉଥିବା ପିଡବ୍ଲ୍ୟୁଡି ରାସ୍ତାଠାରୁ ଚକମହାସମସରପୁର ଏକକିଲୋମିଟର ରାସ୍ତା ଓ ଖଣ୍ଡାଧାର ନଦୀଉପରେ ନିର୍ମିତ ହେଉଥିବା ବିଜୁସେତୁରକାର୍ଯ୍ୟ ତଦାରଖ କରିଥିଲେ । ଓଡିଆ ଭାଷା ସାହିତ୍ୟ,ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହି । ଶିଘ୍ରକାର୍ଯ୍ୟ ଶେଷ କରିବା ପାଇଁ ଏସଡିଓଙ୍କୁ ପରାମର୍ଶ ଦେଇଥିଲେ ।

ଆରଟିପିସିଆର ରିପୋର୍ଟ ଦେଖାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୨/୦୪ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମ ବଙ୍ଗର ଓଡିଶା ଆସିବା ପରେ ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ଆରଟିପିସିଆର ରିପୋର୍ଟ ଦେଖାଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଆଜି କୋଲକାତାରୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ଅନୁସାରେ ମୁଁ ମୋର ଆରଟିପିସିଆର ରିପୋର୍ଟକୁ ଦେଖାଇଲି । କରୋନା ମହାମାରୀ ସମୟରେ ଆମେ ନିଜେ ସତର୍କ ରହିବା, ନିଜେ ନିଜର ଦାୟିତ୍ୱକୁ ପାଳନ କରିବା ।

କସ୍ତୁରବା ଗାନ୍ଧୀ ଭାରତର ପ୍ରଥମ ମହିଳା ସତ୍ୟାଗ୍ରହୀ ଥିଲେ

ଭଦ୍ରକ,୧୨/୦୪ (ନି.ପ୍ର): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଓ କସ୍ତୁରବା ମହାସଂଘ କୋଡ ଗମ୍ଭୀର ଆନୁକୂଲ୍ୟରେ କୋନଗମ୍ଭୀର ତାରିଣୀ ପଡ଼ିଆରେ ରାଷ୍ଟ୍ରମାତା କସ୍ତୁରବା ଗାନ୍ଧୀଙ୍କର ୧୫୨ତମ ଜୟନ୍ତୀ ସମାରୋହ କୋବିଡ଼ କଟକଣା ମଧ୍ୟରେ ପାଳିତ ହୋଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଲୋହିଆ ଏକାଡ଼େମୀ ଭୁବନେଶ୍ୱର ରାଜ୍ୟ ସମ୍ପାଦକ ଦେବପ୍ରସାଦ ରାୟ ମହାପାତ୍ର ଯୋଗ ଦେଇ କହିଥିଲେ କି କସ୍ତୁରବା ଗାନ୍ଧୀ ଜଣେ ସାଧାରଣ ମହିଳାରୁ ରାଷ୍ଟ୍ରମାତା ଭାବେ ପ୍ରତିଷ୍ଠିତା ହେବା ପରେ ତାଙ୍କର ତ୍ୟାଗ, କରୁଣା, ସ୍ନେହ, ପ୍ରେମ ଓ ସହନଶୀଳତା ଆଦି ଗୁଣ ସହାୟକ ହୋଇଥିଲା । ଗାନ୍ଧୀବାଦୀ ପ୍ରବକ୍ତା ଡ ବିଶ୍ୱଜିତ ମୁଖ୍ୟ ବକ୍ତା ଭାବେ କସ୍ତୁରବା ଗାନ୍ଧୀଙ୍କର ବିଭିନ୍ନ ଆନ୍ଦୋଳନରେ ଯୋଗ ଦେବା, ନେତୃତ୍ୱ ପ୍ରଦାନ କରିବା ଓ ବହୁବାର ଜେଲ ଯିବା ଆଦି ବିଷୟରେ ବିଷଦ୍ ଭାବେ ଆଲୋଚନା କରି ଆମ ଦେଶର ସମସ୍ତ ନାରୀଙ୍କର ସେ ପ୍ରେରଣାର ଉତ୍ସ ଥିବା ଓ କସ୍ତୁରବା ଭାରତର ପ୍ରଥମ ମହିଳା ସତ୍ୟାଗ୍ରହୀ ଥିବା ସଂଗେ ସଂଗେ କେଉଁପରି ଭାବେ ଅନ୍ୟ ମହିଳାମାନଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସାମିଲ କରାଇଥିଲେ ସେ ଦିଗରେ ଆଲୋଚନା କରାଯାଇଥିଲା । ଉକ୍ତ ସଭାରେ ଲକ୍ଷ୍ମୀପ୍ରିୟା ନାୟକ ସ୍ୱାଗତ ଭାଷଣ, ଆଶିଷ କୁମାର ମହନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଙ୍ଗ ଅଖିଳ ପାଢୀ ସଭାପତିତ୍ୱ ଓ ଉକ୍ତ ଅନୁଷ୍ଠାନର ସମ୍ପାଦକ ଅଧିବକ୍ତା ତୁଷାରକାନ୍ତି ମହାନ୍ତି ସଂଯୋଜନା କରିଥିଲେ । କୋଡ଼ଗମ୍ଭୀର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣିତା ପହ୍ଲାର ସରପଞ୍ଚ କାଳନ୍ଦୀ ଜେନା, ଆଡ୍‌ଭୋକେଟ ପବନ ଶର୍ମା, ଫେଲୋସିପ୍‌ର ଅଧ୍ୟକ୍ଷ ଏସ.ଏମ. ଫାରୁକ, ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, କସ୍ତୁରବା ମହାସଂଘର ସମ୍ପାଦିକା ଶର୍ମିଷ୍ଠା ଦାସ,ସମାଜସେବିକା ଅନ୍ନପୂର୍ଣ୍ଣା ସାହୁ, ମହେନ୍ଦ୍ର ପ୍ରସାଦ ପାଢୀ, ପ୍ରାଧାପକ ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ କସ୍ତୁରବାଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

କୋଭିଡ୍-୧୯ ଦ୍ୱିତୀୟ ସଂକ୍ରମଣ ରୋକ ଲାଗି ଓଡିଶା-ପଶ୍ଚିମବଂଗ ସୀମା ସିଲ

ଜଳେଶ୍ୱର, ୧୨/୪ (ନିପ୍ର) : ଆଜି ବାଲେଶ୍ୱର ଜିଲାରେ ୧୫୮ ଜଣ କୋଭିଡ୍-୧୯ର ଦ୍ୱିତୀୟ ସଂକ୍ରମଣ ଶୀକାର ହୋଇଥିବାରୁ ପ୍ରବାସୀ ଓଡିଆଙ୍କ ଲାଗି ରୋକ୍ ଲଗା ଯାଇଛି । ଏବେବି ଉପାନ୍ତ ଅଂଚଳର ଗୋଟିଏ ଗାଁରୁ ଅନ୍ୟ ଗାରଁକୁ ଯାତାୟାତ ଲାଗି କୌଣସି କଟକଣା ନଥିବାରୁ ତଥା ପଶ୍ଚିମବଂଗରେ ଲଗାମ୍ ନଥିବା ଯୋଗୁଁ ଉପାନ୍ତ ଓଡିଶାରେ ସଂକ୍ରମଣ ବୃଦ୍ଧି ଆଶଙ୍କା ନେଇ ସୀମା ସିଲ କରାଯାଇଛି । ଜଳେଶ୍ୱର ତହସିଲର ୪୫ଟି ଗାଁ ସହିତ ପଶ୍ଚିମବଂଗର ୫୦ଟି ଗାଁ ଲଗାଲଗି ହୋଇ ରହିଥିବାରୁ କୌଣସି କଟକଣା ରହୁନାହିଁ । ଓଡିଶାର ଗାଁରୁ ପଶ୍ଚିମବଂଗକୁ କିମ୍ବା ସେଠାରୁ ଆସି ଉପାନ୍ତ ଗାଁରେ ଭିଡ ଲଗାଇବା, ଶ୍ରମିକ ଭାବେ ଭିଡ ଲଗାଇବା କିମ୍ବା ବଂଧୁ ଘରକୁ ଆସିବା ବା କାର୍ଯ୍ୟାଳୟକୁ ଆସିବା କାରଣରୁ ସଂକ୍ରମଣ ବୃଦ୍ଧିର ଆଶଙ୍କା ରହିଛି । ସୁଗୋଠାରୁ ଦୋବାଡିଆ ଭାୟା ନେତୁଆ, ନେତୁଆ-ପ୍ରିୟବାଗ ରାସ୍ତା, ସୁଗୋ ସୋଲପଟା ରାସ୍ତା, ଆମ୍ବଳିଅଠା-ସୋଲପଟା ରାସ୍ତା, ଆମ୍ବଳିଅଠା ଜେନାଦିଘୀ, ୬୦ନଂ ଜାତୀୟ ରାଜପଥ, ଓଟି ରୋଡ, ସୁନାକଣିଆରୁ ଡିପିପୁର ଫେରିଘାଟ, ମାକିଡିଆ-ଦାନ୍ତୁନ ଫେରିଘାଟ, ରାଜନଗର-ଦାନ୍ତୁନ ଫେରିଘାଟ, କୁଅଁରପୁର-ଦାନ୍ତୁନ ଫେରିଘାଟ, ଓଲମରା-ଖଡିକା ଭାୟା ସର୍ଦ୍ଦାବନ୍ଧ ରାସ୍ତାରେ ଲୋକେ ଯାତାୟାତ କରନ୍ତି । କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୬୦ନଂ ଜାତୀୟ ରାଜପଥର ଟୋଲପ୍ଲାଜାଠାରେ ପ୍ରବାସୀ ମାନଙ୍କୁ ପ୍ରବେଶ କରାଇବାଲାଗି ଅଂକୁଶ ଲଗାଇ ପୁଲିସ୍ ମୁତୟନ କରାଯାଇଛି । ପ୍ରକାଶଯୋଗ୍ୟ ଗତବର୍ଷ କରୋନା ସଂକ୍ରମଣ ବେଳେ ଏଠାରେ କଡାକଡି ଆଇନ୍ ଲଗାଯାଇଥିବାରୁ ସମସ୍ତ ଯାନ ଯାଞ୍ଚପରେ ଛଡାଯାଉଥିଲା । ଏପରିକି ସେହିସ୍ଥଳକୁ ପୁଲିସ୍ ଡିଜିପି ଶ୍ରୀ ଅଭୟ , ଜିଲାପାଳ, ଆର୍‌ଡିସି ପ୍ରମୁଖ ଉଚ୍ଚ କର୍ତ୍ତପକ୍ଷ ବାରମ୍ବାର ଆସି ପରିଦର୍ଶନ କରିଥିଲେ । ସଂକ୍ରମଣ ବଢୁଥିବାରୁ ପ୍ରତ୍ୟେକ ରାସ୍ତା ସୀଲ କରାଯିବା ସହିତ ୬୦ନଂ ଜାତୀୟ ରାଜପଥ ଯାଞ୍ଚ କରାଯିବାକୁ ସାଧାରଣରେ ଦାବି ହେଉଛି । ପ୍ରବାସୀଙ୍କୁ ଥର୍ମାଲ ସ୍କିନିଂ କରାଯିବା ସହିତ ଓଡିଶାରୁ ଯାଉଥିବା ଯାତ୍ରୀମାନେ ଅନ୍ୟସ୍ଥାନରେ ନ ଅଟକିବା ଓ ସମସ୍ତ ସୂଚନା ସଂଗ୍ରହ କରାଯାଉଛି । ପ୍ରତିବ୍ଲକରେ ୫୦ରୁ୬୦ ଶଯ୍ୟା ଟିଏମସି ସେଣ୍ଟର ଖୋଲିବାକୁ ଜଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲାସ୍ତରରେ ଜ୍ୟୋତି ହସ୍‌ପିଟାଲ ଓ ରେମୁଣା ଆଦର୍ଶ ବିଦ୍ୟାଳୟକୁ କୋଭିଦ୍ କେୟାର ୟୁନିଟ୍‌ଭାବେ ଗ୍ରହଣ କରାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

କ୍ୟାବିନେଟ୍ ...

ପାଲିଏଟିଭ୍ କେୟାର ଅନୁଷ୍ଠାନ ପାଇଁ ୧୩୦ କୋଟି ଟଙ୍କାର ସାୟତା ଦେବେ । ଏହାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଇନଫୋଭ୍ୟାଲି ନିକଟରେ ୨୦ ଏକର ଜମି ମାଗଣାରେ ଯୋଗାଇ ଦେବେ । ପ୍ରଥମେ ୧୦୦ ଶଯ୍ୟା ସହ ଆରମ୍ଭ ହେବାକୁ ଥିବା ଏହି ପାଲିଏଟିଭ୍ କେୟାର ସେଂଟର ପରେ ସମ୍ପ୍ରସାରିତ ହେବ ଏବଂ ସମସ୍ତ ରୋଗୀଙ୍କୁ ଶତ ପ୍ରତିଶତ ମାଗଣା ଚିକିତ୍ସା ପ୍ରଦାନ କରିବ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ନଅଟି ପ୍ରମୁଖ ନିଷ୍ପତି ନିଆଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇସ୍ପାତ ଓ ଖଣି ବିଭାଗ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ଏହା ମଧ୍ୟରେ ଭୁବନେଶ୍ୱରରେ ଚାଗଚୀ - ଶଙ୍କର କ୍ୟାନ୍ସର କେୟାର ସେଂଟର ଓ ବାଗଚୀ - କରୁଣାଶ୍ରୟ ପାଲିଏଟିଭ କେୟାର ସେଂଟର ପ୍ରତିଷ୍ଠା ,ଏସଟି ଏବଂ ଏସସି ଛାତ୍ରଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅନ୍ୱେଶା ଯୋଜନାକୁ ୫ ବର୍ଷ ଯାଏଁ ବୃଦ୍ଧି ଆଦି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଅର୍ନ୍ତଭୁକ୍ତ ।

୨୪ ଘଣ୍ଟା ମଧ୍ୟରେ ୨୧ ଜିଲ୍ଲାରେ....

ବଲାଙ୍ଗୀର, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ, ସୁନ୍ଦରଗଡ଼, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହିତ ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି । କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇପାରେ । ସେହିପରି ଏହି ସମୟ ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ନୟାଗଡ଼, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ସହ ପବନର ବେଗ ୩୦-୪୦ କିଲୋମିଟର ରହି କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୧୧ ଜିଲ୍ଲାକୁ ହଳଦିଆ ଚେତାବନୀ ବା ୟେଲୋ ୱାର୍ଣ୍ଣିଂ ଜାରି କରିବା ସହ କାଳବୈଶାଖୀ ଓ ବଜ୍ରପାତ ସମୟରେ ଘର ଭିତରୁ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦେଇଛି ପାଣିପାଗ ବିଭାଗ । ଏଥିସହ ୧୨ରୁ ୧୫ ତାରିଖ

ବାଲେଶ୍ୱର, ମଙ୍ଗଳବାର, ୧୩ ଅପ୍ରେଲ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ପିପିଲିରେ ବ୍ୟାପକ ମାତ୍ରାରେ କେନ୍ଦ୍ରୀୟ ସୁରକ୍ଷା ବଳ ମୃତୟନ କରାଯାଉ : ବିଜେପି

ଭୁବନେଶ୍ୱର,୧୨/୦୪ (ନି.ପ୍ର): ପିପିଲି ଉପନିର୍ବାଚନରେ ଶାସକ ବିଜେଡିକୁ ନିର୍ବାଚନ ପରାଜୟର ଭୟ ଘାରିଛି । ସେଥିପାଇଁ ବିଜେଡିର ଗୁଣ୍ଡମାନେ ବିଜେପି କାର୍ଯ୍ୟକର୍ତାଙ୍କୁ ଆକ୍ରମଣ କରିଚାଲିଛନ୍ତି । ଆଗାମୀ ଉପନିର୍ବାଚନରେ ବିଜେଡି ବୁଥ ରିଗିଂ ଓ କ୍ୟାପଚରିଂ କରିବାର ଆଶଙ୍କା ଥିବାରୁ ବ୍ୟାପକ ମାତ୍ରାରେ କେନ୍ଦ୍ରୀୟ ସୁରକ୍ଷା ବଳ ମୃତୟନ କରିବା ପାଇଁ ବିଜେପିର ଏକ ପ୍ରତିନିଧୀ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି । ଗତକାଲି ପିପିଲି ନିର୍ବାଚନ ମଣ୍ଡଳୀର ଡେଲାଙ୍ଗ ଥାନା ଅନ୍ତର୍ଗତ ବେନାପୁଡ ପଂଚାୟତର ବାହୁଣବାଡ ଗ୍ରାମରେ ବିଜେପି କର୍ମୀ ଅଶ୍ୱିନ କୁମାର ସାହୁ ଏବଂ ତାଙ୍କର ୪ ଜଣ ସହଯୋଗୀ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ବିଜେଡି କର୍ମୀ ପଦ୍ମେଇ ଜେନା, କୁଶା ସ୍ୱାଇଁଙ୍କ ସମେତ ୪ ଜଣ ବିଜେଡିର ଗୁଣ୍ଡା ବିଜେପି କର୍ମୀଙ୍କୁ କାଠଫାଳିଆରେ ମାଡ ମାରିଥିଲେ । ପରେ ସେମାନେ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବା ଏବଂ ବୋମା ପକାଇ ହତ୍ୟା କରିବାର ଭୟ ଦେଖାଇଥିଲେ । ବିଜେଡି ଗୁଣ୍ଡାମାନେ ବିଜେପି କର୍ମୀ ସତ୍ୟବାଦୀ ଚଇନି, ମନୋରଜଂନ ବରାଳ, ସାଗର ଦାସଙ୍କ ମୁଣ୍ଡକୁ ମାଡ ମାରିବା ସହ ଅଶ୍ୱିନ ସାହୁଙ୍କ ବେକରେ ଥିବା ୨ ଭରି ସୁନା ଚେନକୁ ଲୁଟି ଲେଇଥିଲେ । ଏପ୍ରିଲ ୧୦ ତାରିଖ ଦିନ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମିରେଖା ଦାସ ଏବଂ ବୁଥ ସଭାପତି ସରୋଜ ସେଠୀଙ୍କୁ ଆକ୍ରମଣ ହୋଇଥିଲା ।

ଆଗାମୀ ପିପିଲି ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ବିଭିନ୍ନ ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ ଗୁଡିକରେ କେନ୍ଦ୍ରୀୟ ସୁରକ୍ଷା ବଳ ମୃତୟନ କରିବା ସହ ସିସିଟିଭି ଲଗାଇବା ପାଇଁ ପ୍ରତିନିଧୀ ଦଳ ଦାବି କରିଛି । ଏହି ପ୍ରତିନିଧୀ ଦଳରେ ରଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ଏବଂ ଲିଗାଲ କୋର୍ଡିନେଟର ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

ଫୁଲାଡ଼ିଛକ-ଚଷାଖଣ୍ଡ ରାସ୍ତା ନବୀକରଣ ଦାବିରେ ରାଜପଥ ଅବରୋଧ

ଜିଲ୍ଲାପାଳଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ଆଶ୍ୱସ୍ତ ଗ୍ରାମାବସୀ

ବାଲେଶ୍ୱର,୧୨/୦୪ (ନି.ପ୍ର): ପାଞ୍ଚ ଗୋଟି ପଞ୍ଚାୟତବାସୀଙ୍କ ଜୀବନରେଖା ପାଲଟିଥିବା ଫୁଲାଡ଼ିଛକ-ଚଷାଖଣ୍ଡ ରାସ୍ତାର ନବୀକରଣ ଦାବି ସହ ପୂର୍ବ ଘୋଷଣା ଅନୁସାରେ ଗ୍ରାମାବସୀମାନେ ସୋମବାର ଦୀର୍ଘ ସମୟ ଧରି ୬୦ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ବିଭିନ୍ନ ପଞ୍ଚାୟତରୁ ଶତାଧିକ ଗ୍ରାମବାସୀ ସକାଳରୁ ଫୁଲାଡ଼ି ଛକସ୍ଥିତ ୬୦ ନଂ ଜାତୀୟ ରାଜପଥ ଉପରେ ବସି ରହିବା ଫଳରେ ଯାତାୟତରେ ସମସ୍ୟା ଉପୁଜିଥିଲା । ଅବରୋଧକାରୀଙ୍କ ଆପତ୍ତି ଅନୁସାରେ ବାଲେଶ୍ୱର ସହରକୁ ଆସିବା ପାଇଁ ମୟୂରଭଂଜ ଜିଲାର କଳମା ଅଞ୍ଚଳ ସମେତ ପୁଣିଆ, ମହିଷାଶୂଳ ସମେତ ରାଇସୁଆଁ, ଚଷା ଖଣ୍ଡ ପ୍ରଭୃତି ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ପ୍ରତିଦିନ ହଜାର ହଜାର ଲୋକେ ଏହି ରାସ୍ତାଦେଇ ବାଲେଶ୍ୱର ସହରକୁ ଆସିଥା'ନ୍ତି । ବିଶେଷ କରି ସ୍କୁଲର ଛାତ୍ରଛାତ୍ରୀମାନେ ଯା'ଆସ କରିବାରେ ବହୁ କଷ୍ଟ ଅନୁଭବ କରୁଛନ୍ତି । ଶହୀଦ ବାଘାଯତୀନ ସ୍ମୃତିପୀଠକୁ ସମ୍ମାନ ଦେଇ ତୁରନ୍ତ ରାସ୍ତା ନିର୍ମାଣ କରିବା, ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ଜମିମାଲିକଙ୍କୁ ସନ୍ତୁଷ୍ଟ କରି ପୂର୍ବରୁ ହୋଇଥିବା ମାମଲା ଉଠାଇବା, ଜମି ମାଲିକଙ୍କୁ ଉଚିତ କ୍ଷତିପୂରଣ ଦେବା, ଯୁଦ୍ଧକାଳୀନ ଭିତ୍ତିରେ ଜମି ଅଧିଗ୍ରହଣ ସହ ରାସ୍ତା କାମ ଆରମ୍ଭ ପାଇଁ ସେମାନେ ଦାବି କରିଥିଲେ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଆନ୍ଦୋଳନ ଚାଲିବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଥିଲେ । ଅପରାହ୍ନରେ ଏକ ପ୍ରତିନିଧି ଦଳ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ କରିଥିଲେ । ଆସନ୍ତା ଶନିବାର ଦିନ ଜମି ମାଲିକଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷେପ ନେବା ସହ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଏନେଇ ଆରଡି ଓ ଏନଏଚ ବିଭାଗ ସହ ଆଲୋଚନା କରାଯାଇଛି ବୋଲି ସେ ଗ୍ରାମବାସୀଙ୍କୁ କହିଥିଲେ । ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀମାନେ ରାସ୍ତା ଅବରୋଧରୁ ନିବୃତ ହୋଇଥିଲେ ।

ସୃଜନ ଶ୍ରୀକ୍ଷେତ୍ରର ୭ମ ବିଷୁବ ମିଳନ

କବୀ ତାନଶ୍ରୀ ପାଣିଗ୍ରାହୀଙ୍କୁ ସୃଜନ ଶ୍ରୀକ୍ଷେତ୍ର ପ୍ରତିଭା ସମ୍ମାନ

ସିମୁଳିଆ,୧୨/୦୪ (ନି.ପ୍ର): କବିତା ପାଠକ ହୃଦୟରେ ଆତ୍ମିକ ମିଳନ ଘଟାଏ, ତାକୁ ଆତ୍ମ ସନ୍ତୋଷ ପ୍ରଦାନ କରିବା ସହ ସ୍ୱପ୍ନ ବିଭୋର କରିଥାଏ । ଛନ୍ଦଯୁକ୍ତ କବିତା ଛନ୍ଦହୀନ କବିତା ଠାରୁ ପାଠକ ପ୍ରାଣକୁ ଅଧାକ ଭାବରେ ଆମୋଦିତ କରିଥାଏ ବୋଲି ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୭ମ ବିଷୁବ ମିଳନରେ ବିଶିଷ୍ଟ ସାହିତ୍ୟିକ ମାନେ ମତବ୍ୟକ୍ତ କରିଛନ୍ତି । ଆଜି ଅପରାହ୍ନ ୩ ଟାରେ ମାର୍କୋଣା ଡାକ ବଙ୍ଗଳା ସଭା କକ୍ଷରେ ଆୟୋଜିତ ସୃଜନ ଶ୍ରୀକ୍ଷେତ୍ର ର ୭ମ ବିଷୁବ ମିଳନରେ କବି ତଥା ଶିକ୍ଷାବିତ ସୂର୍ଯ୍ୟମଣି ବୋଇତି ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଯାତ୍ରା ଗବେଷକ ତଥା ଶିକ୍ଷାବିତ୍ ଡକ୍ଟର ପଦ୍ମଲୋଚନ ମହାକୁଡ ଯୋଗଦେଇ ଉତ୍ସବ ଉଦ୍ଘାଟନ କରିଥିଲେ । କବି ବିକାଶ କୁମାର ଶତପଥୀ ବେଦପାଠ କରିଥିଲେ । ମୁଖ୍ୟଅତିଥି ଡକ୍ଟର ମହାକୁଡ ତାଙ୍କ ଭାଷଣରେ ଛନ୍ଦଯୁକ୍ତ କବିତା କିପରି ପାଠକ ପ୍ରାଣକୁ ଆମୋଦିତ କରିଛି ରାଧାନାଥ, ଉପେନ୍ଦ୍ର ଭଞ୍ଜ,ଗଙ୍ଗାଧର ମେହେରଙ୍କ କବିତା ତାର ଜ୍ୱଳନ୍ତ ଉଦାହରଣ ବୋଲି କହିଥିଲେ, ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ତଥା ଶିକ୍ଷାବିତ ପ୍ରଫେଷର ଶରତ କୁମାର ମହାପାତ୍ର ତାଙ୍କ ଭାଷଣରେ କବିତା ପାଠକ ହୃଦହରେ ଆତ୍ମିକ ମିଳନ ଘଟାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ କବି ପୂର୍ଣ୍ଣଚନ୍ଦ୍ର ମହାଳିକ୍ ସୃଜନ ଶ୍ରୀକ୍ଷେତ୍ର ସୃଜନର ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି କହିଥିଲେ । ଉତ୍ସବ ଆରମ୍ଭରେ ସୃଜନ ଶ୍ରୀକ୍ଷେତ୍ରର ସଚିବ ତଥା ଓଡିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ସଦସ୍ୟ ଭରତ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଶିଷ୍ଟ କବୀ ତାନଶ୍ରୀ ପାଣିଗ୍ରାହୀଙ୍କୁ ପ୍ରଥମ ସୃଜନ ଶ୍ରୀକ୍ଷେତ୍ର ପ୍ରତିଭା ସମ୍ମାନ-୨୦୨୧ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ ତାନଶ୍ରୀ ଏ ସମ୍ମାନ ତାଙ୍କୁ ସାହିତ୍ୟ ସାଧନାରେ ବ୍ରତୀ କରାଇବ ବୋଲି କହିଥିଲେ । କବୀ ଗାୟତ୍ରୀ ଦାଶ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ । ରଂଗରାଗର ସଂପାଦକ ତଥା ଯୁବକବି ପ୍ରଦୀପ୍ତ କୁମାର ମହାନ୍ତି ଓ କବି ରଞ୍ଜନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । କବିତା ପାଠୋତ୍ସବରେ ବର୍ଷିୟାନ କବି ଲୋଚନ ବେହେରା, ଡକ୍ଟର ଶୁକଦେବ ମଲ୍ଲିକ୍ , କବି ସଦାନନ୍ଦ ପାଣିଗ୍ରାହୀ, କବି ନାରାୟଣ ପ୍ରଧାନ, ଅର୍ଚ୍ଚନା ବେହେରା, ଜୟସ୍ମିତା ପଲେଇ,ମାନସ କୁମାର ପାଢୀ, ଭରତ କୁମାର ସିଂ, ପଦ୍ମଲୋଚନ ମୁଦୁଲି, ଗୋପାଳ ଦେ,ସଂଜୟ କୁମାର ଜେନା, ମୁକ୍ତିକାନ୍ତ ମିଶ୍ର, ଦେବକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଦୀନବନ୍ଧୁ ପଣ୍ଡା,ଉମାକାନ୍ତ ପାଣିଗ୍ରାହୀ, ଉତ୍କଳିକା ଦାଶ, ତାନଶ୍ରୀ ପାଣିଗ୍ରାହୀ,ଉର୍ମିଳା ଜେନା,ଶିବବ୍ରତ ପାଣିଗ୍ରାହୀ ପ୍ରମୁଖ ବହୁ କବି କବିତା ପାଠ କରିଥିଲେ । ଶେଷରେ ବିକାଶ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ ।

ସନ୍ଥ ଭୀମଭୋଇ ସାହିତ୍ୟ ସମ୍ମାନ ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମ ଗବେଷଣା ପରିଷଦ ତରଫରୁ କବି ଓ ଲେଖକ ରତ୍ନାକର ରାଉତଙ୍କୁ ସାଧୁ ସନ୍ଥ ମାନଙ୍କ ଦ୍ୱାରା ସମ୍ମାନିତ କରିବା ଅବସରରେ ।

କୁଲଡିହା ଅଭୟାରଣ୍ୟରୁ ଆହତ ହରିଣ ଉଦ୍ଧାର ଓ ଶିକାରୀ ସହ ମାରଣାସ୍ତ୍ର ଜବତ

ନୀଳଗିରି,୧୨/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ଅଭୟାରଣ୍ୟର ରିଷିଆ ଡ୍ୟାମ ଠାରେ ପଡ଼ିଥିବା ଏକ ଆହତ ହରିଣକୁ ବନବିଭାଗ ଉଦ୍ଧାର କରି ନୀଳଗିରି କାର୍ଯ୍ୟାଳୟକୁ ଆଣିଥିଲେ । ସେଠାରେ ହରିଣ କୁ ପଶୁ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ କରାଯାଇ ଅଭୟାରଣ୍ୟ ମଧ୍ୟକୁ ଛାଡ଼ି ଦିଆଯାଇଛି । ଆହତ ହରିଣ ଶରୀରରେ କ୍ଷତବିକ୍ଷତ ଚିହ୍ନ ରହିଥିବା ବେଳେ ଏକ ଶୀକାରୀ ତୀରରେ ଆଘାତ ଲାଗିଥିବାର ଚର୍ଚ୍ଚା ହେଉଥିବା ବେଳେ କୁଲଡିହା ରେଞ୍ଜର ବିଜୟ କୁମାର ମହାପାତ୍ର କୁକୁର ଆକ୍ରମଣ ରେ ଶିକାର ହୋଇ ଡ୍ୟାମରେ ପଡ଼ିଥିବାର ସୂଚନା ଦେଇଛନ୍ତି । ଅନ୍ୟପଟେ ପଞ୍ଚଲିଙ୍ଗେଶ୍ୱର ସେକସନ ର ବାବନ୍ଧ ବିଟ୍ ହାଉସ ଅଞ୍ଚଳରେ ଶିକାରୀମାନେ ପ୍ରବେଶକୁ ନେଇ କୁଲଡିହା ବନବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିବା ବେଳେ ଗତ ରବିବାର ଦିନ ରାତିରେ ବନକର୍ମଚାରୀ ମାନେ ଚଢ଼ାଉ କରି ଘଟଣା ସ୍ଥଳରୁ ଜଣ କୁ ଗିରଫ କରିଛନ୍ତି । ଅନ୍ୟ ୩ଜଣ ଶିକାରୀ ଘଟଣାସ୍ଥଳରୁ ଫେରାର ହୋଇଯିବାର ସକ୍ଷମ ହୋଇଛନ୍ତି । ଗିରଫ ଶିକାରୀ ହେଲେ ନୀଳଗିରି ଥାନା ଅଧିନସ୍ଥ ଢ଼ୋଲପୁର ଗାଁର ଗଣପତି ସିଂ (୫୦) ହୋଇଥିବା ବେଳେ ତାଙ୍କ ଠାରୁ କଟୁରୀ ୨ଟା, ଟର୍ଚ୍ଚ, ଲୁହା ରଡ଼ ଜବତ୍ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛନ୍ତି ।

କରୋନା କଟକଣା ଭିତରେ ଖଗଡେଶ୍ୱର ଶୈବ ପୀଠରେ ନୀଳପର୍ବ ସମ୍ପନ୍ନ

ବାଲିଆପାଳ,୧୨/୦୪ (ନି.ପ୍ର): ଚନ୍ଦନେଶ୍ୱର ମହାଦେବ ଙ୍କ ରିତିନିତି ଏବଂ କରୋନା କଟକଣା ଅନୁଯାଇ ବାଲିଆପାଳ ବ୍ଲକର ଖଗଡେଶ୍ୱର ମହାଦେବ ମନ୍ଦିର ସମେତ ବିଭିନ୍ନ ଶୈବ ପୀଠରେ ଆଜି ନୀଳ ପର୍ବ ପାଳିତ ହୋଇଯାଇଛି ।କରୋନା କଟକଣା ଯୋଗୁଁ ଚଳିତ ବର୍ଷ କେବଳ ବିଧି ମୃତାବକ ମହାଦେବଙ୍କ ଏହି ଚଡକ ଯାତ୍ରା ରିତିନିତି ଅନୁଯାୟୀ ପାଳନ କରାଯାଉଛି । ଗତ ୧ ତାରିଖ ଠାରୁ ତେର ଅର୍ଘ୍ୟ ଏହି ପୀଠରେ ବ୍ରତ ଧାରଣ କରିଆସୁଛନ୍ତି ।ଗତ ଶନିବାର ମହାଦେବ ଙ୍କ କାମିନା ବିବାହ ସମ୍ପନ୍ନ ହୋଇଥିଲା ।ଆଜି ଏହି ଯାତ୍ରାର ପ୍ରସିଦ୍ଧ ନୀଳପର୍ବ ।ଆଜି ବହୁ ଶ୍ରଦ୍ଧାଳୁ ବ୍ରତ ଧାରଣ କରିବା ସହିତ ମହାଦେବ ଙ୍କୁ ପୂଜାର୍ଚ୍ଚନା କରିଛନ୍ତି ।ଅପରାହ୍ନରେ ବ୍ରତଧାରଣ କରିଥିବା ଭକ୍ତମାନେ ସଭାଜଣାଣରେ ସାମିଲ ହୋଇଥିଲେ ।ଖଗଡେଶ୍ୱର ପୀଠରେ ଶ୍ରୀବେକିଡି ଭକ୍ତ ପ୍ରଭାସ ସାହୁ ଦାସୀ ପଡିବା ପରେ ନୀଳ ପୋଖରୀରୁ ଏହି ଭକ୍ତମାନେ ଅମ୍ବିକା୦ କୁ ଖୋଜି କାନ୍ଧରେ ରଖି ନାଚିନାଚି ମନ୍ଦିର ବେଢା ପରିକ୍ରମା କରିଥିଲେ କରୋନା କଟକଣା ଯୋଗୁଁ ଯାକ ଯକମ ଦେଖରବାକୁ ମିଳିନଥିଲ । ପାଟଭକ୍ତା ପଦ୍ମଲୋଚନ ସାହୁ, ଶ୍ରୀବେକିଡି ପ୍ରଭାସ ସାହୁ,ଦେଉଳିଆ ଭକ୍ତ ରବୀନ୍ଦ୍ର ଜେନା,ପ୍ରମଥ ନାୟକ,ଅମୂଲ୍ୟ ସାହୁ,ହରିହର ବିଶ୍ୱାଳ,ସୁଜୟ ପରିଡା,ବାଇଧର ରାଉତ,କୁନା ବିଶ୍ୱାଳ, ଗୋପୀନାଥ କାମିଳା,ଲିପନ ଜେନା,ପପୁ ଜେନା,ରାମଚନ୍ଦ୍ର ସାହୁ ,ପୂଜକ ଜିତେନ୍ଦ୍ରନାଥ ପାଠୀ ରହିଥିବା ବେଳେ ଗ୍ରାମ କମିଟିର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ସେହିପରି ଅନ୍ୟତମ ପ୍ରମୁଖ ଶୈବ ପୀଠ ବାବା ନିଖିରେଶ୍ୱର ଏବଂ ନାଭଡେଶ୍ୱର ପୀଠରେ ବିଧି ମୃତାବକ ନୀଳପର୍ବ ପାଳିତ ହୋଇଯାଇଛି ।

ବଜ୍ରାଘାତରେ ଜଣେ ମୃତ

ବାରିପଦା,୧୨/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରରୁଆଁ ଅନ୍ତର୍ଗତ ଗୟଳଚେଟୁଆ ଗ୍ରାମରେ ଜନୈକ ବ୍ୟକ୍ତି ବଜ୍ରାଘାତରେ ମୃତ୍ୟୁବରଣ କରିଥିବାର ଖବର ମିଳିଛି । ଆଜି ଅପରାହ୍ନରେ ଜିଲ୍ଲାର ବିଭିନ୍ନ ଅଂଚଳରେ ଘଡଘଡି ସହିତ ବର୍ଷା ହୋଇଥିଲା । ତେବେ ସୁନା ପୂର୍ତ୍ତୀ (୫୫) ଗାଧୋଇ ବାକୁ ଯାଇଥିବା ବେଳେ, ହଠାତ ବର୍ଷା ଘଡଘଡି ହେବାରୁ ଫେରିପାରି ନଥିଲେ । ସେଠାରେ ବଜ୍ରାଘାତ ହେବାରୁ ସୁନା ଘଟଣା ସ୍ଥଳରେ ଟଳିପଡିଥିଲେ । ତେବେ ସ୍ଥାନୀୟ ଲୋକେ ବଜ୍ରାଘାତରେ ସୁନାଙ୍କର ମୃତ୍ୟୁ ହୋଇଥିବା ଧେଖି ସ୍ଥାନୀୟ ପୋଲିସ ଓ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିବାର ଜଣାଯାଇଛି ।

ବାଲେଶ୍ୱରରେ ଗଡ଼ିଲା କୃଷକ ସଚେତନତା ରଥ

ବାଲେଶ୍ୱର,୧୨/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲା କୃଷି ବିଭାଗ ପକ୍ଷରୁ ସୋମବାର କୃଷି ରଥ ପରିକ୍ରମା ଆରମ୍ଭ ହୋଇଛି । ଜିଲା କୃଷି ବିଭାଗ ପରିସରରୁ ବାହାରିଥିବା ରଥକୁ ସଦର ବିଧାୟକ ସ୍ୱରୂପ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହା ରେମୁଣା, ସଦର ଓ ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା ସହ କୃଷକଙ୍କୁ ସଚେତନତା କରିବାରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ଦାସ ଆଶା ପ୍ରକାଶ କରିଥିଲେ । କୃଷି ଓ କୃଷକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବ । ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନା, ଆବଶ୍ୟକୀୟ ଦସ୍ତାବିଜ, ଆର୍ଥିକ ସହାୟତା ଓ ମତ୍ତିକା ବାବଦରେ ବ୍ଲକର ସମସ୍ତ ଅଞ୍ଚଳ ବୁଲି ଚାଷୀଙ୍କୁ ସଚେତନ କରାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଅହିରାଜ ସାପ ଉଦ୍ଧାର

ନୀଳଗିରି,୧୨/୦୪ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ ଗରଡିହି ପଞ୍ଚାୟତର କଳାକାଦ ଅସନବଣି ଅଞ୍ଚଳରୁ ସୋମବାର ସକାଳେ ୧୪ଫୁଟର ଉର୍ଦ୍ଧ୍ୱ ଲମ୍ବର ଏକ ଅହିରାଜ ସାପ ଉଦ୍ଧାର ହୋଇଛି । ସେହି ଗ୍ରାମର ମାଲୁ ସିଂ ର ରୋଷେଇ ଘରୁ ଏହି ବିରାଟକାୟ ଅହିରାଜ ସାପ ପଶି ଗର୍ଜନ କରୁଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ । ପରେ ନୀଳଗିରି ସାପ ବିଶେଷଜ୍ଞ ସୁଶାନ୍ତ ମହାପାତ୍ର , ଗୟାଧର ବେହେରା, ବିରଜା ଶଙ୍କର ବେହେରା ଘଟଣାସ୍ଥଳରେ ପହଞ୍ଚି ସର୍ତକତା ର ସହ ସାପଟିକୁ ଉଦ୍ଧାର କରି ନୀଳଗିର କୁଲଡିହା ଅଭୟାରଣ୍ୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।

ଜିକେ ଭଞ୍ଜର ହସ୍‌ପିଟାଲରେ ଆର୍‌କେଏସ୍ ଓ ଡାଏଟ କମିଟିର ଜରୁରୀ ବୈଠକ

ଜଳେଶ୍ୱର, ୧୨/୪ (ନିପ୍ର) : ପୂର୍ବସୂଚନା ଅନୁଯାୟୀ ଆଜି ଅପରାହ୍ନରେ ଜିକେଭଞ୍ଜର ହସ୍‌ପିଟାଲ ପରିସରରେ ଆର୍‌କେଏସ୍ ଓ ଡାଏଟ୍ କମିଟିର ଜରୁରୀ ବୈଠକ ବସିଥିଲା । ଏଥିରେ ହସ୍‌ପିଟାଲର ବହୁ ଅସୁବିଧା ସଂପର୍କରେ ଆଲୋଚନା ହେବା ସହିତ ଅସ୍ଥାୟୀ କର୍ମଚାରୀଙ୍କ ପାରିଶ୍ରମିକ ଦେବା, ଷ୍ଟାଫ କ୍ୱାଟର ଗୁଡିକ ମରାମତୀ ଓ ପାନୀୟ ଜଳର ବ୍ୟବସ୍ଥା, ଜେନେରେଟର ସେଡ୍ ନିର୍ମାଣ ହେବା, ୧୯ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ ସମ୍ପର୍କରେ ତଥା ଆସନ୍ତା ବର୍ଷଲାଗି ରୋଗୀଙ୍କ ଖାଦ୍ୟ ଟେଣ୍ଡର ସଂପର୍କରେ ଆଲୋଚନା ହୋଇଥିଲା । ଆସନ୍ତା ୧ବର୍ଷଲାଗି ସତ୍ୟନାରାୟଣ ପରିଡା ଖାଦ୍ୟ ଦେବାର ଟେଣ୍ଡର ଗ୍ରହଣ କରିଥିବା ଜଣାଯାଇଛି । ହେରାଲ୍ଡ ନାମକ ସଂସ୍ଥା ହସ୍‌ପିଟାଲର ସଫେଇ କାର୍ଯ୍ୟ ଭାର ନେଇଥିବା ବେଳେ ଠିକ୍‌ଭାବେ କାଯ୍ୟ ସମ୍ପାଦନ ହେଉନଥିବାରୁ ବିଷଦଭାବେ ଆଲୋଚନା ପରେ ସଂସ୍ଥାର ମୁଖ୍ୟଙ୍କୁ ଜଣାଇ ଦିଆଯାଇଥିଲା । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ୨ଟି ପରିଚାଳନା ହୋଇଥିବା ବେଳେ ପୌରଅଧିକାରୀ ଅଜୟ କୁମାର ମହାପାତ୍ର, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତୀ ଅଶୋକ କୁମାର ପଣ୍ଡା, ଡା. ଦିଲ୍ଲିପ କୁମାର ପାତ୍ର, ସିଡିପିଓ ଦୀପ୍ତିମୟୀ ପୋଥାଳ, ଡା. ସଂଜୟ ପାତ୍ର, ନେସ୍କୋର ସହକାରୀ ଯନ୍ତୀ ଭୂବନ କୁମାର ସାହୁ, ଡ. ରମାକାନ୍ତ ଭଂଜ, ଅଶୋକ କୁମାର ପାତ୍ର, ପୁଷ୍ପପ୍ରିୟା କାମିଳା, ଗୀତାଞ୍ଜଳି ସାମନ୍ତ, ସମାଜସେବୀ ପ୍ରତୀପ ପ୍ରଧାନ, ବିଜୟ କାମିଳା, ଅବନୀ କୁମାର ଚାନ୍ଦ, ସୁରଜିତ୍ ଘୋଷ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶଶିକାନ୍ତ ଜେନା, ବନମାଳୀ ଜେନା ପ୍ରମୁଖ ପରିଚାଳନା କରିଥିଲେ । ଆଜି